# NEWTON COLLEGE OF +2 SCIENCE

## NEWTON HIGHER SECONDARY SCHOOL

**Debaipali, Sambalpur, Ph: 9438069105, 9938586082, 9583325666**

**Hearty Congratulations to our Best Achievers in CHSE, 2019**

- Highest Number of First Class among all Colleges of Western Odisha
- Highest Number of Students Secured Above 500 Marks among all Colleges of Western Odisha
- Highest Number of Students Securing More than 80% Marks in Western Odisha
- Highest Number of Laptop Winners Since Inception among all colleges of Western Odisha

No. of Students Qualified in JEE-MAIN 2019 22

No. of 1st Division 257 OUT OF 310

83% FIRST CLASS 80% And Above-55 | ABOVE 500 -39 | ADMISSION OPEN FOR 2019 | PASS PERCENTAGE 99.36








ତାଙ୍କ ନିକଟରେ ନିଜକୁ ସମର୍ପି ଦିଅ ; ତାଙ୍କରି କରୁଣାରେ ତୁମ୍ଭ ଆତ୍ମା ପ୍ରସ୍ଫୁଟିତ ହେବ। ସେ ପରମେଶ୍ୱର ଏବଂ ତୁମ୍ଭର ସ୍ୱାମୀ, ତାଙ୍କ ପ୍ରତି ତୁମ୍ଭର ଶ୍ରଦ୍ଧା ଦ୍ୱାରା ହିଁ ତାଙ୍କର ଦର୍ଶନ ପାଇବ। ଏହି ଭାବକୁ ଧ୍ୟାନ କଲେ ପରମ ଶାନ୍ତି ପାଇବ।
- ରାମାନୁଜ



## ସଂକ୍ଷେପରେ



### ଅଭିଲାଷ ଦାସ ନିଉଟନ କଲେଜ ଟପ୍ପର

ସମ୍ବଲପୁର ୩।୬ (ବ୍ୟୁରୋ)- ସମ୍ବଲପୁର ସହର ଉପକଣ୍ଠ ଶାସନ ମାଝିପାଲିସ୍ଥିତ ନିଉଟନ କଲେଜ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଛି। କଲେଜର ପାସ୍ ହାର ୯୯.୩୬ ପ୍ରତିଶତ ରହିଛି । ଅଭିଲାଷ ଦାସ ୫୪୨ ମାର୍କ (୯୦ ପ୍ରତିଶତ) ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି କଲେଜର ୨୫୭ ଜଣ ପ୍ରଥମ ଶ୍ରେଣୀ, ଦ୍ୱିତୀୟ ଶ୍ରେଣୀରେ ୪୪ ଜଣ ଓ ତୃତୀୟ ଶ୍ରେଣୀରେ ୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । କଲେଜ ଅଧ୍ୟକ୍ଷ ତେଜରାଜ ପାତ୍ର ଅଭିଲାଷଙ୍କ ସମେତ କଲେଜର ସମସ୍ତ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



### ଭିଏସ୍ଏସ୍ କଲେଜର ଟପ୍ପର ହେଲେ ରୋହିତ

ସମ୍ବଲପୁର ୩।୬ (ବ୍ୟୁରୋ)- ସମ୍ବଲପୁର ଧନକଉଡାସ୍ଥିତ ଭିଏସଏସ କଲେଜ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଛି । କଲେଜର ରୋହିତ କୁମାର ରଥ ୫୩୫ ମାର୍କ (୮୯.୧୭ ପ୍ରତିଶତ) ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି କଲେଜର ପ୍ରଥମ ଶ୍ରେଣୀର ୨୦ଜଣ, ଦ୍ୱିତୀୟ ଶ୍ରେଣୀରେ ୩୭ ଜଣ ଓ ତୃତୀୟ ଶ୍ରେଣୀରେ ୩୯ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି । କଲେଜର ପାସ୍ ହାର ୯୮ ପ୍ରତିଶତ ରହିଛି । କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ସାହୁ ରୋହିତଙ୍କ ସମେତ କଲେଜର ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



### ଏମ୍ସ କଲେଜ ଛାତ୍ର ସମୀର ଜିଲା ଟପ୍ପର : ଡାକ୍ତର ହୋଇ ସେବା କରିବା ଲକ୍ଷ୍ୟ

ସମ୍ବଲପୁର ୩।୬ (ବ୍ୟୁରୋ)- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳରେ ସମ୍ବଲପୁର ଜିଲାର ୮୦ ପ୍ରତିଶତ ପାସ୍ ହାର ରହିଛି । ଘରୋଇ କଲେଜ ଗୁଡିକର ପାସ୍ ହାର ଅଧିକ ରହିଛି । ସମ୍ବଲପୁର ନିକଟସ୍ଥ ଏମ୍ସ କଲେଜ ଛାତ୍ର ସମୀର ସାହୁ ଜିଲା ଟପ୍ପର ହୋଇଛନ୍ତି। ସେ ୬ ଶହରୁ ୫୪୯ ମାର୍କ ରଖିଛନ୍ତି । କଲେଜ ପକ୍ଷରୁ ସମୀରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । କଲେଜ ସମ୍ପାଦକ ଶ୍ରୀନିବାସ ପାତ୍ର ସମୀରଙ୍କୁ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସମୀରଙ୍କ ଘର ସୁନ୍ଦରଗଡ ଜିଲା ବୁଦେଲକାନୀ ଗ୍ରାମରେ। ବାପା ସହଦେବ ଶିକ୍ଷକ ଓ ମା' ବନ୍ଦୁଲା ଗୃହୀଣି । ସମୀର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମେଡିକାଲ ପାଇଁ ସେ ପ୍ରସ୍ତୁତି କରିବେ । ଜଣେ ଭଲ ଡାକ୍ତର ହୋଇ ଲୋକଙ୍କ ସେବାରେ ନିଜକୁ ସମର୍ପିତ କରିବେ। କଲେଜକୁ ଛାଡି ପ୍ରାୟ ୮ରୁ ୯ ଘଣ୍ଟା ପାଠ ପଢାରେ ସେ ପରିଶ୍ରମ କରୁଥିଲେ । ଏହି ସଫଳତାର ଶ୍ରେୟ ସେ ତାଙ୍କ ମା' ବାପା, କଲେଜର ସମସ୍ତଙ୍କୁ ଦେଇଛନ୍ତି।

## ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ

# ନନ୍ଦପଡ଼ା ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ିଁ

ସମ୍ବଲପୁର,୩।୬(ବ୍ୟୁରୋ)





ସମ୍ବଲପୁର କୁଲଥକାନୀଠାରେ କନ୍ୟାମାତା ପିତା ସୋମବାର ରାତିରେ ବରପିତାଙ୍କଠାରୁ ଶାଳପତ୍ର ଗ୍ରହଣ କରି କନ୍ୟା ଦେବାକୁ ସଂକଳ୍ପ କରୁଛନ୍ତି (ବାମ)। ସୋମବାର ସମ୍ବଲପୁର ନନ୍ଦପଡା ପତରପେଡ଼ିଁ ଶୋଭାଯାତ୍ରାରେ ଝାଞ୍ଜ ନୃତ୍ୟ ।

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ସୋମବାର ରାତିରେ ଆରମ୍ଭ ହୋଇଛି । ରୀତିନୀତି ଓ ପରମ୍ପରାରେ ନନ୍ଦପଡା ବମ୍ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ିଁ (ନିବର୍ନ୍ଧ) ସମ୍ପନ୍ନ ହୋଇଛି । ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ପାରମ୍ପରିକ ଦୁଲଦୁଲି ବାଦ୍ୟ, ଘଣ୍ଟ, ଶଙ୍ଖ ଧ୍ୱନିରେ ମନ୍ଦିରରୁ ପତରପେଡ଼ିଁ ଶୋଭାଯାତ୍ରା ବାହାରିଥିଲା । ରାତି ସାଢ଼େ ୭ଟାରେ ବରପିତା ରାମଚରଣ ମିଶ୍ର ସ୍ୱତନ୍ତ୍ର ବିମାନରେ ବସି କନ୍ୟା ଖୋଜିବାକୁ ବାହାରି ଥିଲେ। ସପ୍ତର୍ଷି ବିଜୟ କୁମାର ମିଶ୍ର, ଗୋଲକବିହାରୀ ମିଶ୍ର, ହରିହର ଗୁରୁ, କାମ୍ପାଳ ହୋତା, ସୁଧାଂଶୁ ମିଶ୍ର, ସତ୍ୟନାରାୟଣ ନନ୍ଦ, ଶଶାଙ୍କ ଶେଖର ନନ୍ଦଙ୍କ ସମେତ ପଡାର ମୁରବୀମାନେ ଏଥିରେ ସାମିଲ ହୋଇଥିଲେ । ରାତି ୧୦ଟା ୪୫ରେ କୁଲୁଥକାନୀସ୍ଥିତ କନ୍ୟାମାତା କାଦମ୍ବିନୀ ଆଚାର୍ଯ୍ୟ ଓ କନ୍ୟାପିତା ପ୍ରକାଶ ପାଣ୍ଡେଙ୍କ ଘରେ ପତରପେଡ଼ିଁ ଶୋଭାଯାତ୍ରା ପହଞ୍ଚି ଥିଲା । ସୁସଜ୍ଜିତ ଆଲୋକମାଳାରେ ଝଟକୁ ଥିଲା ଅଞ୍ଚଳ। ବାଜା ରୋଷଣୀ ସହ କନ୍ୟା ପକ୍ଷ ବନ୍ଦାଣ କରି ପତରପେଡ଼ିଁ ଓ ସପ୍ତରଷି ଏବଂ ଯାତ୍ରା କମିଟି କର୍ମକର୍ତ୍ତାଙ୍କୁ ଘରକୁ ପାଛୋଟି ନେଇଥିଲେ । ମନ୍ତ୍ର ଉଚ୍ଚାରଣରେ ବରପକ୍ଷ ସେମାନଙ୍କ ଆଗମନର ଅଭିପ୍ରାୟ କନ୍ୟା ପକ୍ଷଙ୍କୁ ଜଣାଇଥିଲେ । ବିବାହ ଯୋଗ୍ୟ ପୁତ୍ର ବାଲୁଙ୍କେଶ୍ୱରଙ୍କ ଲାଗି ଯୋଗ୍ୟା ପାତ୍ରୀ ଥିବାର ଖବର ପାଇ ଆସିଥିବା ଏମାନେ କହିଥିଲେ । ତତ୍କ୍ଷଣାତ କନ୍ୟା ପକ୍ଷ ପଣ୍ଡିତମାନେ ବର ପାତ୍ରଙ୍କ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ସପ୍ତରଷିଗଣ ମନ୍ତ୍ର, ଶ୍ଳୋକ ଆବୃତ୍ତି କରି ଦେବ ଦେବ ମହାଦେବଙ୍କ ମହିମା ଗୁଣଗାନ କରିଥିଲେ। ଶେଷରେ ମହାଦେବଙ୍କ ସହ ଦେବୀ ପାର୍ବତୀଙ୍କ ବିବାହ କରିବାକୁ କନ୍ୟାପକ୍ଷ ରାଜି ହୋଇଥିଲେ । ଏହାପରେ ବରପିତା ରାମଚରଣ ତମ୍ବା ଥାଳରେ ଶାଳପତ୍ର ପେଣ୍ଡା, ବେଲ ପତ୍ର, ଫୁଲ, ଚନ୍ଦନ କନ୍ୟାମତା କାଦମ୍ବିନୀ ଆଚାର୍ଯ୍ୟ ଓ କନ୍ୟାପିତା ପ୍ରକାଶ ପାଣ୍ଡେଙ୍କୁ ପ୍ରଦାନ କରି ବିବାହ ଚୂଡାନ୍ତ କରିଥିଲେ । ପଣ୍ଡିତ ଶଶାଙ୍କଶେଖର ମିଶ୍ର ପୂଜାର୍ଚ୍ଚନା କରିଥିଲେ । ଶୋଭାଯାତ୍ରାରେ ୩୦ଟି ଦୁଲଦୁଲି ଦଳ, ୪୨ ଜଣିଆ ଢାକି ବାଜା ଦଳ, କରମା ନାଚ ଦଳ ସହ ଶଙ୍ଖ, ଝଣ୍ଡା, ଛତ୍ର, ବୈରଖ ସାମିଲ ହୋଇଥିଲା । ନନ୍ଦପଡା ଶୀତଳ ଷଷ୍ଠୀ ଯାତ୍ରା କମିଟି ସଭାପତି ସମୀର ରଞ୍ଜନ ବାବୁ, ମୁଖ୍ୟ ସଂଯୋଜକ ଫଣି ଭୂଷଣ ମିଶ୍ର, ଉପସଭାପତି ସୁନୀଲ ତ୍ରିପାଠୀ, ବିଷ୍ଣୁ ପ୍ରସାଦ ପାଢ଼ୀ, ସାଧାରଣ ସମ୍ପାଦକ ସୁଶ୍ରୀତ ମିଶ୍ର, ଯୁଗ୍ମ ସମ୍ପାଦକ ପ୍ରଭୁଦତ୍ତ ପଣ୍ଡା, ବାଳଗୋପାଳ ନନ୍ଦ, କୋଷାଧ୍ୟକ୍ଷ ଭୁବନମୋହନ ମିଶ୍ର, ପ୍ରଶାନ୍ତ ବରେଇ, ନିଗମାନନ୍ଦ ମିଶ୍ର, ସିଦ୍ଧେଶ୍ୱର ନନ୍ଦ, ଚକ୍ରଧର ମିଶ୍ର, ଅଚ୍ୟୁତ ମିଶ୍ର, ଦୀନବନ୍ଧୁ ପାଣିଗ୍ରାହୀ, ଦିଲୀପ ମିଶ୍ର, ଆଶୁତୋଷ ମିଶ୍ର, ଶିବ ମିଶ୍ର, ସରୋଜ ଦାଶ, ଅମୂଲ୍ୟ ମିଶ୍ର, ଦୁର୍ଗାମାଧବ ମିଶ୍ର, ମଧୁସୂଦନ ମିଶ୍ର, ଶାନ୍ତାନୁ ମିଶ୍ର, ମାନସ ରଥ, ବିରାଜ ମିଶ୍ର, ବିଟୁ ନାୟକ, ଫାଲଗୁନୀ ବାରିକ, ସୌମ୍ୟ ମିଶ୍ର କାଯର୍ୟକ୍ରମ ପରିଚାଳନାରେ ପ୍ରମୁଖ ବିଭିନ୍ନ ଭୂମିକା ଗ୍ରହଣ କରିଥିଲେ ।

# ଯୁକ୍ତ ୨ ବିଜ୍ଞାନରେ ବିକାଶର ସଫଳତା

ବରଗଡ଼ ଅଫିସ୍,୩।୬

ଯୁକ୍ତ୨ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବିଜ୍ଞାନ ପରୀକ୍ଷାରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ର ଚିନ୍ମୟ କୁମାର ଶିଆଳ ୫୨୮ ମାର୍କ ପାଇ କଲେଜ ଟପ୍ପର ହୋଇଛନ୍ତି । ୯ଜଣ ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖି ମହାବିଦ୍ୟାଳୟକୁ ପଶ୍ଚିମଓଡ଼ିଶାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପ୍ରତିଷ୍ଠିତ କରି ପାରିଛନ୍ତି । ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ୨୪ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବରଗଡ଼ ଶାଖାର ୧୬ଜଣ ଓ ସମ୍ବଲପୁର ଶାଖାର ୮ଜଣ ଅଛନ୍ତି । ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ୧୮୨ଜଣଙ୍କ ମଧ୍ୟରୁ ବରଗଡ଼ ଶାଖାର ୧୧୯, ସମ୍ବଲପୁର ଶାଖାର ୬୩ଜଣ ଅଛନ୍ତି । ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ପ୍ରଜ୍ଞିତା ପ୍ରଜ୍ଞା ଭୋଇ ୫୨୨, ପ୍ରବୀଣ ମହାପାତ୍ର ୫୧୮, ପ୍ରୀତି ସେବକ ୫୧୩, ସୁରଜ ପାଣିଗ୍ରାହୀ ୫୦୮, ଶ୍ରୀକାନ୍ତ ବିର୍ଡିଆ ୫୦୧ ମାର୍କ ରଖି ସଫଳତା ତାଲିକାର ଶୀର୍ଷରେ ରହିଛନ୍ତି । ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମ୍ବଲପୁରର ଛାତ୍ର କୁନାଲ ରଞ୍ଜନ ପଟେଲ ୫୨୧ ମାର୍କ ସହିତ କଲେଜ ଟପ୍ପର ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି କୃତିତ୍ୱରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି.ମୁରଲୀକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି.ଭାସ୍କର ରାଓ, ଡାଇରେକ୍ଟର(ଆଡ଼ମିନିଷ୍ଟ୍ରେଶନ) ଡି.ନାଗେଶ୍ୱର ରାଓ, ବରଗଡ଼ ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ସମ୍ବଲପୁର ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ଆଡ଼ମିନିଷ୍ଟ୍ରେଟିଭ ଅଫିସର ଏସ୍.କାନ୍ତାରାଓ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ ସହିତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସାଧୁବାଦ ଜଣାଇଛନ୍ତି ।



ଚିନ୍ମୟ କୁମାର ଶିଆଳ, କଲେଜ ଟପ୍ପର

- ୨୪ଜଣ ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ
- ୧୮୨ଜଣ ୭୦ ପ୍ରତିଶତରୁ ଅଧିକ

## ଲୁହାପଥର ବୋଝେଇ ଟ୍ରକ୍ ଓଲଟି ହେଲ୍ପର ମୃତ

ଲଖନପୁର,୩।୬(ଡି.ଏନ୍.ଏ.)

୪୯ନଂ ଜାତୀୟ ରାଜପଥର ଝାରସୁଗୁଡ଼ା ଜିଲା ଲଖନପୁର ଥାନା ସାଗରପାଲି ଛକ ନିକଟରେ ସୋମବାର ସକାଳ ସାଢ଼େ ୬ଟାରେ ଏକ ଲୁହାପଥର ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା । ଫଳରେ ହେଲ୍ପର ମଧ୍ୟପ୍ରଦେଶ ଦେୱାସ୍ ଜିଲା ଗନ୍ଧର୍ବପୁରୀ ଗ୍ରାମର ତେଜ୍ ସିଂ (୩୨)ଙ୍କ ମୃତ୍ୟୁ ହୋଇଥିବାବେଳେ ସେହି ଗ୍ରାମର ଚାଳକ ସୁରେନ୍ଦ୍ର ସିଂ (୩୦) ଆହତ ହୋଇଛନ୍ତି। ସୁରେନ୍ଦ୍ରଙ୍କୁ ଚିକିତ୍ସା କରି ପୋଲିସ ଗିରଫ କରିଛି। ପୋଲିସ ଏ ସମ୍ପର୍କରେ ମୃତ ହେଲ୍ପର ତେଜ୍ ସିଂଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ସଂରକ୍ଷିତ ରଖାଯାଇଛି। ପରିବାର ଲୋକେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି । ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଏନ୍ଏଲ୍୦୧-ଏସି୨୩୯୨ନଂ ଟ୍ରକ୍ ଜବତ କରିଛି।

# ବିଜେପୁର ସହ ମୁଖ୍ୟମନ୍ତ୍ରୀ ବିଶ୍ୱାସଘାତ କରିଛନ୍ତି




ସମ୍ବଲପୁରରେ ଖବରଦାତା ସମ୍ମିଳନୀରେ ବରଗଡ ଏମ୍ପି ସୁରେଶ ପୂଜାରୀ ସୂଚନା ଦେଉଛନ୍ତି ।

ସମ୍ବଲପୁର, ୩।୬ (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ଭୟରେ ଦୁଇଟି ଆସନରୁ ନିର୍ବାଚନ ଲଢିଥିଲେ । ବିଜେପୁର ଆସନରୁ ପ୍ରାର୍ଥୀ ହେବା ପରେ ବିଜେପୁର ସହିତ ସମସ୍ତ ପଶ୍ଚିମ ଓଡିଶାବାସୀଙ୍କ ଆଶା ବଢ଼ି ଯାଇଥିଲା । ନିଜ ସ୍ୱାର୍ଥ ପୂରା ହେବା ପରେ ଏବେ ମୁଖ୍ୟମନ୍ତ୍ରୀ ବିଜେପୁର ଆସନ ଛାଡି ଦେଇଛନ୍ତି । ଏଣୁ ମୁଖ୍ୟମନ୍ତ୍ରୀ ଲୋକଙ୍କ ବିଶ୍ୱାସ ଭାଙ୍ଗି ଦେଇ ବିଶ୍ୱାସଘାତ କରିଛନ୍ତି। ଏଠାରେ ସୋମବାର ଏକ ଖବରଦାତା ସମ୍ମିଳନୀରେ ବରଗଡ ଏମ୍ପି ସୁରେଶ ପୂଜାରୀ ଏହା କହିଛନ୍ତି। ବିଜେପୁରରେ ଉପନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ବିଜେପୁରରେ ହଜାର କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ। ହେଲେ ଏ ପର୍ଯ୍ୟନ୍ତ କୌଣସି ପ୍ରକଳ୍ପ ଆରମ୍ଭ ହୋଇ ପାରିନାହିଁ । ସାଧାରଣ ନିର୍ବାଚନ ପୂର୍ବରୁ ପୁଣି ଏଠାକୁ ଆସି ତେବେକେତ ପ୍ରକଳ୍ପର ନାମକୁ ମାତ୍ର ଶିଳାନ୍ୟାସ କରିଥିଲେ । ହେଲେ ତାହା ମଧ୍ୟ କାର୍ଯ୍ୟକାରୀ ଆରମ୍ଭ ହୋଇ ନାହିଁ। ବିଜେପୁର ଆସନ ଛାଡିବା ପୂର୍ବରୁ ଅନେକ ଯୋଜନା ଘୋଷଣା କରିଛନ୍ତି । ହେଲେ ତାହା ମଧ୍ୟ ସ୍ୱାର୍ଥ ପାଇଁ । ଏବେ ବିଜେପୁରରେ ପୁଣି ଉପ ନିର୍ବାଚନ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଲୋଭ ଦେଖାଇଛନ୍ତି। ହେଲେ ତାହା କାର୍ଯ୍ୟକାରୀ ହେବ ନାହିଁ। ସ୍ୱାର୍ଥ ଦୃଷ୍ଟରୁ କେବଳ ବିଜେପୁରକୁ ଅନୁଦାନ ଘୋଷଣା ହେଲା। ହେଲେ ବରଗଡ ସଂସଦୀୟ କ୍ଷେତ୍ରର ବାକି ୬ ନିର୍ବାଚନ ମଣ୍ଡଳୀରେ ଟଙ୍କାଟିଏ ମଧ୍ୟ ଅନୁଦାନ ଘୋଷଣା କଲେ ନାହିଁ ବୋଲି ସେ କହିଥିଲେ । ଏହି ଅବସରରେ ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡଙ୍ଗୀ, ରାଜ୍ୟ ସମ୍ପାଦକ ସୁଶାନ୍ତ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୀମାଞ୍ଚଳ ଖଟେଇ, ଶରତ ଗଡତିଆ, ବରଗଡ ଜିଲା ସଭାପତି ଡ. ଅରୂପ ସାହୁ, ସାଧାରଣ ସମ୍ପାଦକ ରବିନାରାୟଣ ଦାଶ, ଜିଲା ଉପସଭାପତି ଅଶୋକ ପଣ୍ଡା, ସମ୍ବଲପୁର ଜିଲା ପ୍ରବକ୍ତା ସୂର୍ଯ୍ୟ ପାଣିଗ୍ରାହୀ, ମିଡିଆ ପ୍ରଭାରୀ ମାନସ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ ବ୍ରତଧାରୀ

ଦେବଗଡ଼,୩।୬ (ସ୍ୱ.ପ୍ର.)

ସୋମବାର ଜିଲାର ବିଭିନ୍ନ ସ୍ଥାନ ତଥା ପୌରାଞ୍ଚଳରେ ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି । ଏହି ଅବସରରେ ବଣିଆ ସାହି,ମଠ ସାହି,ଶାସନ ସାହି, ଗୁରୁ ସାହି,ଭିତିରିଆ ସାହି, ତଅଁଳା ସାହି, ଭୁୟାଁ ସାହି, ଖପର ସାହି, କଚେରୀ ସାହି ,ମ୍ୟୁନିସିପାଲିଟି ସାହି, କାରଗିଲ ଛକ, ରଜାମୁଣ୍ଡା, ବରପାଲି ସାହି, ପୁରୁଣାଗଡ ଆଦି ଅଞ୍ଚଳରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ବ୍ରତଧାରୀ ମହିଳାମାନେ ସକାଳୁ ନୂଆ ଶାଢି ପରିଧାନ କରି ମନ୍ଦିର ଓ ଅସ୍ଥାୟୀ ମଣ୍ଡପରେ ପୂଜାର୍ଚ୍ଚନା କରିଥିଲେ । ପରେ ଅଶ୍ୱତ୍ଥ ଏବଂ ବଟବୃକ୍ଷରେ ପବିତ୍ର ସୂତା ବାନ୍ଧି ସ୍ୱାମୀଙ୍କ ଶୁଭ ମନାସୀ ଥିଲେ । ପୂଜା ଶେଷରେ ମହିଳାମାନେ ସ୍ୱାମୀଙ୍କ ଆଶୀର୍ବାଦ କାମନା କରିଥିଲେ।

# ଗୋବିନ୍ଦତୋଲା ଛକରେ କାରରେ ନିଆଁ ଲାଗିଲା

ସମ୍ବଲପୁର, ୩।୬ (ବ୍ୟୁରୋ)

ସମ୍ବଲପୁର ଗୋବିନ୍ଦତୋଲା ଛକରେ ସୋମବାର ପ୍ରାୟ ରାତି ୮ଟାରେ ଏକ କାର (ନଂ. ଓଆର୍ ୧୫ ପି- ୦୩୦୩) ରେ ନିଆଁ ଲାଗିଥିଲା । କାର ସାମନା ପଟେ ନିଆଁ ଲାଗିଯିବାରୁ ଡ୍ରାଇଭର ଗାଡି ଛିଡା କରି ଓହ୍ଲାଇ ପଡିଥିଲେ । ସ୍ଥାନୀୟ ଲୋକେଙ୍କ ସାହାଯ୍ୟରେ ପାଣି ଢାଳି ନିଆଁକୁ ଆୟତ୍ତ କରାଯାଇଥିଲା। ପରେ ସମ୍ବଲପୁର ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ ଲିଭାଇ ଥିଲା।

## ୪୯ନଂ ଜାତୀୟ ରାଜପଥ

# ଦୁର୍ଘଟଣା ରୋକିବ ସାମୂହିକ ଉଦ୍ୟମ

ଝାରସୁଗୁଡ଼ା ଅଫିସ/ ଲଖନପୁର, ୩।୬ (ଡି.ଏନ୍.ଏ.)



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଲୋକେ।

- ତ୍ରିପାକ୍ଷିକ ବୈଠକରେ ନିଷ୍ପତ୍ତି
- ରୋଡ୍ସେଲ୍ କୋଇଲା ପରିବହନ ଉପରେ କଟକଣା ଦାବି

ବେପାରୁଆ ଗାଡ଼ି ଚାଳନା ଯୋଗୁ ବେଲପାହାଡ଼ରୁ କନକତୋରା ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ରୋକିବା ଦିଗରେ ଆଲୋଚନା ପାଇଁ ସୋମବାର ଜିଲାପାଳଙ୍କ ସଭାଗୃହରେ ଜିଲାପାଳ ବିଭୂତି ଭୂଷଣ ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ଦାସ, ଏସ୍ପି ଅଶ୍ୱିନୀ ମହାନ୍ତି, ଆର୍ଟିଓ ସିଦ୍ଧେଶ୍ୱର ନାୟକ, ଝାରସୁଗୁଡ଼ା ଏସ୍ଡିପିଓ କୈଳାସ ଆଚାର୍ଯ୍ୟ, ବ୍ରଜରାଜନଗର ଏସ୍ଡିପିଓ ନୃପଚରଣ ଦଣ୍ଡସେନା, ରେଙ୍ଗାଲି ଥାନା ଆଇଆଇସି ଦାନିଏଲ କେର୍କେଟା, ଲଖନପୁର ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ, ବେଲପାହାଡ଼ ଥାନା ଆଇଆଇସି ରଶ୍ମିତା ବେହେରା, ବ୍ରଜରାଜନଗର ଥାନା ଆଇଆଇସି ବିଶ୍ୱାମିତ୍ର ହରିପାଲଙ୍କ ସମେତ ଏମ୍ସିଏଲ୍ ଅଧିକାରୀ, ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ ସଭାପତି ଅମୀୟ ସାମଲ, ବନ୍ଧବାହାଲ ଟ୍ରକ୍ ମାଲିକ ସଂଘ ସଭାପତି ଅଖିଳ ସ୍ୱାଇଁ, ସମ୍ପାଦକ ସନ୍ତୋଷ ମହାନ୍ତି, ଅଞ୍ଚଳବାସୀଙ୍କ ତରଫରୁ ଭଅଁରଖୋଲ ସରପଞ୍ଚ ଅଶ୍ୱିନୀ ପ୍ରଧାନ, କୁଡ଼ାଲୋଇ ପଞ୍ଚାୟତର ବରିଷ୍ଠ ନାଗରିକ ବିରଞ୍ଚି ସାହୁ, ଅମିନ ଖାଁ, ସୁରେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ରଥ, ମୁରଲି ପ୍ରଧାନ, କୃଷ୍ଣଚନ୍ଦ୍ର ବାଗ, କୁନିଲତା ସାହୁ, ରଞ୍ଜୁତା ବାଗ, ଆସିସିଆନ୍ ଆଙ୍ଗିରିଆ ପ୍ରମୁଖ ଯୋଗଦେଇଥିଲେ। ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ବେପାରୁଆ ଗାଡ଼ି ଚାଳନା, ଟ୍ରକ୍ ଯୋଗେ ରୋଡ୍ସେଲ୍ କୋଇଲା ପରିବହନ, ବିନା ହେଲ୍ପରରେ ଭାରିଯାନ ଚାଳନା, ରାସ୍ତାପାର୍ଶ୍ୱରେ ବେଆଇନ ପାର୍କିଂ, ରାଜପଥ ପାର୍ଶ୍ୱ ଢାବାରେ ବେଆଇନ ମଦ କାରବାର, ଅଧିକାଂଶ ଗାଡ଼ିର କାଗଜପତ୍ର ଠିକ୍ ନ ଥିବା, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚାଳନା, ଆଦି ଦୁର୍ଘଟଣାର ମୁଖ୍ୟ କାରଣ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରୋଡ୍ସେଲ୍ କୋଇଲା ପରିବହନ ବନ୍ଦ ରଖିବା, ଆରଟିଓ ଓ ପୋଲିସ ପକ୍ଷରୁ ବାରମ୍ବାର ଗାଡ଼ି ଯାଞ୍ଚ, ରାସ୍ତା ପାର୍ଶ୍ୱରେ ପାର୍କିଂ ସ୍ଥାନ ନିର୍ମାଣ କରିବା, ଛକଗୁଡ଼ିକରେ ସ୍ପିଡ୍ ବ୍ରେକର ଲଗାଇବା, ସ୍ୱତନ୍ତ୍ର କୋଲ୍ କରିଡର ନିର୍ମାଣ କରିବାକୁ ଲୋକେ ଦାବି କରିଥିଲେ। ଲୋକଙ୍କ ଅଭିଯୋଗ ଶୁଣି କୋଲ୍ କରିଡର ନିର୍ମାଣ କରିବାକୁ ଜିଲାପାଳ ଦାସ ଏମ୍ସିଏଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଲେ। ସେହିପରି ଦୁର୍ଘଟଣା ରୋକିବା ପାଇଁ ସାମୂହିକ ଉଦ୍ୟମ କରାଯିବ ବୋଲି ଜିଲାପାଳ କହିଛନ୍ତି।

ଧରିତ୍ରୀ DHARITRI
ସମ୍ବଲପୁର, ମଙ୍ଗଳବାର, ୪ ଜୁନ୍, ୨୦୧୯



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ନାକଟିଦେଉଳରେ ଯୋଗଦେଲେ ନୂତନ ଏବିଇଓ

ନାକଟିଦେଉଳ,୩।୬(ଡି.ଏନ.ଏ.) ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ଗିରିଜା ପ୍ରସାଦ ପାତ୍ର ନୂତନ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭାବେ ଯୋଗ ଦେଇଛନ୍ତି । ଏହି ଅବସରରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଚ୍ୟୁତା ନନ୍ଦ ପ୍ରଧାନ, ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ, ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରାଜ କିଶୋର ସାହୁ, ଏବିଇଓ ତ୍ରିନାଥ ଧଳ, ସିଆରସିସି ମହେଶ୍ୱର ପ୍ରଧାନ ଏବଂ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନେ ନୂତନ ଏବିଇଓ ପାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଏଠାରେ ଯୋଗ ଦେବା ପୂର୍ବରୁ ସେ ଜମନକିରା ବ୍ଲକର ସାପଲତ ଏମଇ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଅବସ୍ଥାପିତ ଥିଲେ । ସମସ୍ତ ଶିକ୍ଷକମାନଙ୍କ ସହଯୋଗରେ ବ୍ଲକରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଅଣାଯିବା ସହ ଶିକ୍ଷକମାନଙ୍କ ସମସ୍ୟା ପ୍ରତି ସେ ବିଶେଷ ଯତ୍ନବାନ ହେବେ ବୋଲି ସମ୍ବର୍ଦ୍ଧନାର ଉତ୍ତରରେ ପାତ୍ର ପ୍ରକାଶ କରିଛନ୍ତି।

### କାଳ ବୈଶାଖୀରେ ଶିଶୁ ମନ୍ଦିରର ଆଜବେଷ୍ଟସ ଉଡ଼ିଗଲା

ନାକଟିଦେଉଳ,୩।୬(ଡି.ଏନ.ଏ.)ସ୍ଥ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ନରେ ହୋଇଥିବା କାଳବୈଶାଖୀରେ ବିଭିନ୍ନ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ପ୍ରବଳ ବେଗରେ ପବନ ବୋହିବା ଯୋଗୁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ସବୁ ଭାଙ୍ଗି ଯିବା ସହ ଘରର ଚାଳ ଛପର ଆଦି ଉଡ଼ାଇ ନେଇଛି । ଏପରିକି ଘର ଛପର ହୋଇଥିବା ଟାଇଲ ଏବଂ ଆଜବେଷ୍ଟସ ଆଦି ଭାଙ୍ଗି ଚୂରମାର ହୋଇଯାଇଛି । ରବିବାର ଅପରାହ୍ନ ପ୍ରାୟ ୪ଟା ବେଳେ ହୋଇଥିବା ଏହି କାଳବୈଶାଖୀ ଓ ଝଡ଼ ବର୍ଷାରେ ବ୍ଲକ ଅନ୍ତର୍ଗତ ସରାପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦୁଇଟି କୋଠରିର ଆଜବେଷ୍ଟସ ଉଡ଼ି ଯାଇଛି। ସେହିପରି ସରାପାଲି ପଞ୍ଚାୟତର ଗୌଡ଼ପଡ଼ା ଏବଂ କରଡ଼ାପାଲ ଗ୍ରାମରେ କେତେକ ବ୍ୟକ୍ତିଙ୍କ ଘରର ଟାଇଲ, ଚାଳ ଏବଂ ଆଜବେଷ୍ଟସ ଉଡ଼ି ଯାଇଛି।

### ରେଙ୍ଗାଲିରେ ବିଜେଡିର ବ୍ଲକସ୍ତରୀୟ ସମୀକ୍ଷା ବୈଠକ

ରେଙ୍ଗାଲି, ୩।୬ (ଡି.ଏନ.ଏ.) ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରେଙ୍ଗାଲି ବ୍ଲକ ବିଜେଡି କାର୍ଯ୍ୟାଳୟରେ ଏକ ବ୍ଲକସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥର ନିର୍ବାଚନରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ବିଜେଡିର ପରାଜୟ ପାଇଁ ଏହି ସମୀକ୍ଷା ବୈଠକ ବସିଥିଲା। ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ ସଭାପତିତ୍ୱ କରିଥିଲେ। ନିର୍ବାଚନରେ ଯେଉଁ କେତେକ ଭୁଲ୍ ପାଇଁ ଦଳ ପରାଜୟ ବରଣ କଲା ସେ ବିଷୟରେ ସମସ୍ତ ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ବିଜେଡିକୁ କିପରି ବୁଥସ୍ତରରୁ ସୁଦୃଢ଼ କରାଯିବ ସେହି ଅନୁସାରେ ପ୍ରସ୍ତୁତ ହେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରେଙ୍ଗାଲି ବ୍ଲକ ପର୍ଯ୍ୟବେକ୍ଷକ ଦେବେନ ପତି, ମୋତିଲାଲ ତନ୍ତି, ବୃନ୍ଦାବନ ସାହୁ, ବିଶ୍ୱକେଶନ ବିଶ୍ୱାଳ, ଶଶିଭୂଷଣ ସାହୁ, ସତ୍ୟନାରାୟଣ ଅଗ୍ରୱାଲ, କିରଣ ବେହେରା, ଦୟାନିଧି ଭର୍ଏଁସାଲ, ଗାନ୍ଧୀ ବେହେରା, ଆହ୍ୱାନ ପଟେଲ, ନାସିର, ସନାତନ ସାହୁଙ୍କ ସହ ରେଙ୍ଗାଲି ବ୍ଲକର ସମସ୍ତ ପଞ୍ଚାୟତର କର୍ମୀ ଯୋଗ ଦେଇଥିଲେ ।

### ମହିଳାଙ୍କଠାରୁ ଟଙ୍କା ବ୍ୟାଗ୍ ଛଡାଇ ଯୁବକ ଗିରଫ

ନାକଟିଦେଉଳ,୩।୬(ଡି.ଏନ.ଏ.) ସମ୍ବଲପୁର ଜିଲା ନାକଟିଦେଉଳ ସୋମବାର ସାପ୍ତାହିକ ହାଟରୁ ଜଣେ ମହିଳାଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ଚୋରି ଅଭିଯୋଗରେ ନାକଟିଦେଉଳ ଥାନା ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଅନ୍ତର୍ଯାମୀ ଧଳ ଏବଂ ତାଙ୍କ ଘର ନାକଟିଦେଉଳ ଗ୍ରାମରେ ବୋଲି ପୋଲିସ କହିଛି। ପୋଲିସ ସୂଚନା ଦେଇ କହିଛି ଯେ, ସୋମବାର ନାକଟିଦେଉଳରେ ସାପ୍ତାହିକ ହାଟ ବସିଥିଲା । ଭାଲୁମୁଣ୍ଡା ଗ୍ରାମର ରଞ୍ଜିତା ସାହୁ ନାମ୍ନୀ ଜଣେ ମହିଳା ହାଟକୁ ଯାଇ ଜିନିଷ ପତ୍ର କିଣୁ ଥିଲେ। ସେ ଏହା ପୂର୍ବରୁ ବ୍ୟାଙ୍କରୁ ୨୦ହଜାର ଟଙ୍କା ଉଠାଇ ତାହାକୁ ଏକ ବ୍ୟାଗରେ ପୂରାଇ ଧରିଥିଲେ। ହେଲେ ଅନ୍ତର୍ଯାମୀ ଏହି ବ୍ୟାଗକୁ ଝାମ୍ପି ନେଇ ପଳାଇ ଥିଲେ। ଏ ସମ୍ପର୍କରେ ରଞ୍ଜିତା ନାକଟିଦେଉଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ଅନ୍ତର୍ଯ୍ୟାମୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧୦ହଜାର ଟଙ୍କା ଜବତ କରିଛି।

---

ଗୋବିନ୍ଦପୁର ପଁଚେତ୍

# ମାସେ ହେଲା ୮ ନଲ୍‌ଚୁଆଁ ଅଚଲ

ବାମରା, ୩।୬ (ସ୍ୱ.ପ୍ର.):

ବାମରା ବ୍ଲକ ସଦର ଗୋବିନ୍ଦପୁର ପଁଚେତ୍‌ରେ ଗଲା ୧ ମାସ ହେଲା ୮ଟା ନଲ୍‌ଚୁଆଁ ଅଚଲ ହେଇପଡ଼ିଛେ। ଯେନ୍‌ଥିରଲାଗି ଲୋକ୍ ଖରା ତାତିରେ ପିଇଲା ପାଏନ୍ ଲାଗି ଡହକ୍‌ବିକଲ ହେଉଛନ୍। ଥାନୀୟ ସରପଁଚ୍ ଆର ବିଡିଓ କେହି ଇ ଘଟନାକେ ଗୁରୁତ୍ ନାଇଁ ଦେଉଥିବାର ଅଭିଯୋଗ ହେଉଛେ। ଏନ୍‌ତାଥି ଥାନୀୟ ଲୋକ୍ ଖରା ଝାଉରେ ଦୂରିଆଥୁ ପାଏନ୍ ଦୁହାରୁଥିବାର ଦେଖିବାକେ ମିଳୁଛେ।

ସୂଚନା ଅନ୍‌ସାରେ ଗୋବିନ୍ଦପୁର ପଁଚେତ୍‌ରେ ଗଲା ୫ ବଛର ହେଲା ପାଏନ୍ ସମସିଆଟା ମୁଖିଆ ସମସିଆ ହେଇ ଉଭ୍‌ରିଛେ। ଆଏଜ୍‌କେ ୫ ବଛର ତଲେ ଅଂଚଲରେ ଡ୍ରେନ୍ ଆର ରାସ୍‌ତା କାମ ବେଲେ ପାଏନ୍ ପାଇପ୍ ଫାଟି ଯାଇଥିଲା। ସେଦିନ୍‌ଠାନୁ ଗୋବିନ୍ଦପୁର ଅଂଚଲର ୩ରୁ ୪ଟା ୱାର୍ଡ ଆର ବଡ଼ ଡୁମେରମୁଣ୍ଡାର ୨ଟା ୱାର୍ଡ ପରଭାବିତ ହେଇ ରହିଛେ। ଇ ସମସିଆର ସମାଧାନ ଲାଗି ଥାନୀୟ ଲୋକ୍ ବ୍ଲକ ପରଶାସନ, ପୂର୍ତ୍ତ ବିଭାଗ ଆର ପଁଚେତ୍ କତ୍ତୁରପକ୍ଷଙ୍କୁ ଗୁହାରି କରି ନିରାଶ ହେଇଛନ୍। ଏହେଦ୍‌କା ପାଖାପାଖି ୧ ମାସ ହେଲା ପଁଚେତ୍‌ର ଗଣେଶନଗର, ନୂଆଁଟୋଲି(ହରିପଡ଼ା), ବଡ଼ ଡୁମେରମୁଣ୍ଡା ଅଙ୍ଗନୱାଡି ପଡ଼ା, ଡୁରୀପଡ଼ା, ପଣ୍ଡରିପଥର, ମୁଣ୍ଡାଡ଼ିପାର ବଗିଚାପଡ଼ା, ନୂଆଁଡ଼ିହି, ମୁଣ୍ଡାଡ଼ିପା ଛକ ଆର ଷ୍ଟେସନବସ୍‌ତିରେ ଗୁଟେ ଲେଖେଁ ନଲ୍‌ଚୁଆଁ ଅଚଲ ହେଇ ପଡ଼ିରହିଛେ। ଇ ବାବ୍‌ଦେ ସରପଁଚ୍‌ଙ୍କୁ ପଚରାଲରୁ ମୁଇଁ ସମସିଆର ସମାଧାନ ଲାଗି ଚେଷ୍‌ଟା କରୁଛେଁ, ହେଲେ ବାମରା ବିଡିଓ ଇ ଦିଗେ ମୋତେ ସହଯୋଗ ନାଇଁ କରବାର ବଲି ସେ ସଫେଇ ଦେଇଥିଲେ। ସେନ୍‌ତା ଇ ବାବ୍‌ଦେ ବିଡିଓ ସୁଶିଲ କୁଜୁରଙ୍କୁଁ ପଚରାଲାରୁ ସରପଁଚ୍ ମିନାକ୍ଷୀ ମାଝୀ ଜାନିଶୁନି ଏନ୍‌ତା କରୁଛନ, ପଁଚେତ୍ ଫଣ୍ଡରୁ ଟଁକା ଟ୍ରାନ୍ସଫର କଲାଉତାରୁ ନଲଚୁଆଁର ସାଜୋସାମାନ ଯୁଗେଇ ଦେବାର ନିୟମ ଅଛେ। ହେଲେ ସେ ଇ କାମଟା ନାଇଁକରି କରି ଉଲଟିଆ ଦୋଷ ଦେଉଛନ୍ ବଲି ବିଡିଓ କହିଥିଲେ। ହେଲେ ଇଆଡ଼େ ସରପଁଚ୍ ଆର ବିଡିଓଙ୍କର ଦୋଷ୍ ଲଦାଲଦିରେ ଅଂଚଲବାସୀ ଖରା ଝାଉରେ ପିଇଲା ପାଏନ୍ ଲାଗି ଛଟ୍‌କିଛାଡୁଛନ୍। ଇ ଦିଗେ ଜିଲାପାଲ ଦୁରୁଷ୍‌ଟି ଦେଇ ସମସିଆର ସମାଧାନ ଦିଗେ ପଦକ୍ଷେପ ନେବାକେ ଅଂଚଲର ବୁଧିଜୀବୀମାନେ ଦାବି କରିଛନ୍।



ଅଂଚଲରେ ଅଚଲ ହେଇ ପଡ଼ିଥିବାର ଗୁଟେ ନଲ୍‌ଚୁଆଁ।

## କୃଷକ ସଂଗଠନର ରିଲେ ଅନଶନ

କୁଚିଣ୍ଡା, ୩।୬ (ସ୍ୱ.ପ୍ର.)

କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପଖଣ୍ଡ କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ବକେୟା ଥିବା ଇନପୁଟ ସବ୍‌ସିଡି ପ୍ରଦାନ ଓ ଗତ ଖରିଫ ଋତୁରେ ହୋଇଥିବା ଭୟାବହ ମରୁଡିର କ୍ଷତିପୂରଣ ବୀମାରାଶି ପ୍ରଦାନ ଆଦି ଦାବି ନେଇ ସୋମବାରଠାରୁ ରିଲେ ଅନଶନ ଆରମ୍ଭ ହୋଇଛି । ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଚାଷୀନେତା କୁଶଧ୍ୱଜ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଚାଷୀଙ୍କ ଆନ୍ଦୋଳନକୁ ବିଚାରକୁ ନେଇ ରାଜ୍ୟ ସରକାର ବକେୟା ଥିବା ସବସିଡି ଟଙ୍କା ଏବଂ ଭୟାବହ ମରୁଡିର ବୀମା ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ଘୋଷଣା କରିଥିଲେ। ହେଲେ କାର୍ଯ୍ୟକାରୀ କଲେନି। ଏଣୁ ଏହାର ପ୍ରତିବାଦରେ ବାମରା, ଜମନକିରା, କୁଚିଣ୍ଡା ଅଞ୍ଚଳର ଚାଷୀମାନେ ପୁଣିଥରେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ରିଲେ ଅନଶନରେ ବସିଛନ୍ତି । ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଚାଷୀନେତା କୁଶଧ୍ୱଜ ଚୌଧୁରୀ, ଜୟନ୍ତ କୁମାର ପ୍ରଧାନ, ଚୁଡାମଣୀ ପଟେଲଙ୍କ ସମେତ ବାମରା, ଜମନକିରା, କୁଚିଣ୍ଡା ଆଦିର ଶତାଧିକ ଚାଷୀ ଓ ବିଭିନ୍ନ ଚାଷୀ ସଂଗଠନ ସାମିଲ ହୋଇଥିଲେ ।



କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭା।

ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ

## ସମ୍ବଲପୁର ଜିଲା ଆଗରେ, ଦେବଗଡ ପଛରେ

ସମ୍ବଲପୁର ୩।୬(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି । ଚଳିତ ବର୍ଷ ରାଜ୍ୟରେ ପୁଣି ଛାତ୍ରୀମାନେ ଆଗରେ ରହିଛନ୍ତି । ସମ୍ବଲପୁର ଜୋନର ୯ ଜିଲାରେ ପାସ୍ ହାରକୁ ଦେଖିଲେ ସମ୍ବଲପୁର ଆଗରେ ରହିଥିବା ବେଳେ ଦେବଗଡ ଜିଲା ପଛରେ ରହିଛି। ସମ୍ବଲପୁର ଜିଲାର ୮୦.୫୫ ପ୍ରତିଶତ ପାସ ହାର ଥିବା ବେଳେ ଦେବଗଡ ଜିଲା ୪୦.୧୮ ପାସ୍ ହାର ରହଛି । ଜୋନର ବଲାଙ୍ଗୀର ଜିଲାରେ ୬୭.୬୧, ସୋନପୁର ୭୭.୮୪, କଳାହାଣ୍ଡି ୬୮.୯୧, ନୂଆପଡା ୬୭.୯୮, ବରଗଡ ୬୯.୯୪, ଝାରସୁଗୁଡା ୪୭.୯୮, ଓ ସୁନ୍ଦରଗଡ ୫୧.୬୪ ପ୍ରତିଶତ ପାସ ହାର ରହିଛି । ଦେବଗଡ ଜିଲାରେ ୮୦ ଜଣ ଛାତ୍ରୀଛାତ୍ର କପି କରି ଧରା ପଡି ପରୀକ୍ଷାରୁ ବାଦ ପଡିଥିଲେ । ସୂଚନାଯୋଗ୍ୟ ଯେ, ବଲାଙ୍ଗୀର ଜିଲାରେ ୨୩୧୬ ପରୀକ୍ଷା ଦେଇଥିବା ବେଳେ ୧୫୬୬ ଜଣ ପାସ କରିଛନ୍ତି। ସୋନପୁର ଜିଲାରେ ୬୩୨ ପରୀକ୍ଷା ଦେଇଥିବା ବେଳେ ୪୯୨ ଜଣ ପାସ୍ କରିଛନ୍ତି। କଳାହାଣ୍ଡି ଜିଲାରେ ୨୭୯୬ରୁ ୧୯୨୭, ନୂଆପଡା ଜିଲାରେ ୮୬୪ରୁ ୫୦୧, ବରଗଡ ଜିଲାରେ ୧୯୨୩ରୁ ୧୩୪୫, ଦେବଗଡ ଜିଲାରେ ୬୩୭ରୁ ୨୫୬, ଝାରସୁଗୁଡା ଜିଲାରେ ୬୯୪ରୁ ୩୩୩, ସମ୍ବଲପୁରରେ ୨୯୯୩ ରୁ ୨୪୧୧ ଓ ସୁନ୍ଦରଗଡ ଜିଲାରେ ୪୬୮୦ ଜଣ ପରୀକ୍ଷା ଦେଇଥିବା ବେଳେ ୨୪୧୭ ପାସ୍ କରିଛନ୍ତି।

### ଏମ୍ସ କଲେଜର ଶତ ପ୍ରତିଶତ ପାସ୍ ହାର

ସମ୍ବଲପୁର ୩।୬ (ବ୍ୟୁରୋ)

ସମ୍ବଲପୁର ସହରର ଉପକଣ୍ଠ ପରଧିଆପାଲିସ୍ଥିତ ଏମ୍ସ କଲେଜର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ଶତ ପ୍ରତିଶତ ରହିଛି। କଲେଜ ଛାତ୍ର ସମୀର ସାହୁ ୫୪୯ ମାର୍କ ରଖି ଓଡିଶାର ୧୦ ଜଣଙ୍କ ମଧରେ ସ୍ଥାନ ପାଇଛନ୍ତି । ସେହିପରି ମୋଟ ୨୫୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସମସ୍ତେ ପାସ୍ କରିଛନ୍ତି । କଲେଜର ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ପ୍ରଦୀପ ଚନ୍ଦ୍ର ପାତ୍ରଙ୍କ ସ୍ମୃତିରେ ପ୍ରତିବର୍ଷ ଭଳି ଏ ବର୍ଷ ୫ ଜଣଙ୍କୁ ମାଗଣାରେ ଶିକ୍ଷାଦାନ କରାଯିବ ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ନାବାଳିକାଙ୍କୁ ଅପହରଣ:

### ରାଜମିସ୍ତ୍ରିଙ୍କ ନାମରେ ଅଭିଯୋଗ

ସମ୍ବଲପୁର,୩।୬ (ବ୍ୟୁରୋ)

ସମ୍ବଲପୁର ଜିଲା ହୀରାକୁଦ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପଶ୍ଚିମବଙ୍ଗ ମୁର୍ସିଦାବାଦର ଜଣେ ଯୁବକ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ମା' ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକ୍ରମେ, ନାବାଳିକା ଝିଅଙ୍କ ସହିତ ଉକ୍ତ ଯୁବକଙ୍କ ପରିଚିତ ହୋଇଥିଲା। ସେ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିବା ଜାଣି ଦୁଇ ଦିନ ଯୋଗାଯୋଗ କଲା ପରେ କିଛି ଖବର ମିଳି ନ ଥିଲା । ସୋମବାର ଯୋଗାଯୋଗ ହେବାରୁ ସେ ନାବାଳିକାଙ୍କୁ ନେଇ ପଶ୍ଚିମବଙ୍ଗ ମୁର୍ସିଦାବାଦରେ ରହୁଥିବା କହିଛନ୍ତି। ହେଲେ ଫେରାଇ ଆଣିବାକୁ ଅନୁରୋଧ କଲେ ନାବାଳିକାଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଚମକ ଦେଉଛନ୍ତି। ତେଣୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପୋଲିସକୁ ନାବାଳିକାଙ୍କ ଘର ଲୋକେ ଅନୁରୋଧ କରିଛନ୍ତି।

କାରରୁ ଓହ୍ଲାଇ କୁଷ୍ଠରୋଗୀଙ୍କୁ ରାସ୍ତା ପାର କରାଇଲେ ଡାକ୍ତର

## ଛୁଇଁଲେ କୁଷ୍ଠରୋଗ ବ୍ୟାପେ ନାହିଁ

ଚିପିଲିମା, ୩।୬ (ସ୍ୱ.ପ୍ର.)

କୁଷ୍ଠରୋଗୀମାନଙ୍କ ପ୍ରତି ଆମମାନଙ୍କ ଭିତରେ ଏବେ ବି ଘୃଣାଭାବ ରହିଛି। ସେମାନଙ୍କୁ ଛୁଇଁଲେ କୁଷ୍ଠରୋଗ ବ୍ୟାପେ ବୋଲି ଆମମାନଙ୍କ ଭୁଲ୍ ଧାରଣା ମଧ୍ୟ ରହିଛି। କୌଣସି ବ୍ୟକ୍ତି କୁଷ୍ଠ ରୋଗରେ ଆକ୍ରାନ୍ତ ହେଲେ ପ୍ରଥମେ ନିଜ ପରିବାର ଲୋକଙ୍କ ଦ୍ୱାରା ହିଁ ଉପେକ୍ଷିତ ହେଉଛନ୍ତି। ସେମାନଙ୍କୁ ଘରୁ ବାହାର କରିଦିଆ ଯାଉଛି। ଏଣୁ ବାଧ୍ୟ ହୋଇ ସେମାନେ କୁଷ୍ଠ ରୋଗୀ କଲୋନୀ ନାହିଁ ତ ଗାଁ ବାହାରେ ରହୁଛନ୍ତି। ଏଣୁ ଆମକୁ ଏଭଳି ବିଚାରଧାରାରୁ ମୁକୁଳିବାକୁ ପଡିବ। କୁଷ୍ଠରୋଗୀଙ୍କୁ ଘୃଣା ନ କରି ଭଲ ପାଇବାକୁ ହେବ। ଘରେ ରଖି ସେମାନଙ୍କୁ ଚିକିତ୍ସା କଲେ ଓ ନିୟମିତ ଔଷଧ ଦେଲେ ଏହା ଭଲ ହୋଇଯିବ। ଆମକୁ ଏହା ମନେ ରଖିବାକୁ ହେବ ଯେ, କୁଷ୍ଠରୋଗୀଙ୍କୁ ଛୁଇଁଲେ ଆଦୌ ଏହି ରୋଗ ଅନ୍ୟକୁ ବ୍ୟାପେ ନାହିଁ। ବୁର୍ଲା ମେଡିକାଲ କଲେଜ ଓ ହସ୍ପିଟାଲ (ଭିମ୍‌ସାର)ର ସିନିୟର ରେସିଡେଣ୍ଟ ଡାକ୍ତର ଶଙ୍କର ରାମଚନ୍ଦାନୀ ଏହି ବାର୍ତ୍ତା ଦେଇଛନ୍ତି। ସୋମବାର ସକାଳେ ସେ କାର ଚଳାଇ ଯାଉଥିବାବେଳେ ଜଣେ କୁଷ୍ଠରୋଗୀ ରାସ୍ତା ପାର ହୋଇ କୁଷ୍ଠ କଲୋନୀ ଭିତରେ ଥିବା କୁଡିଆକୁ ଯିବାକୁ ଚେଷ୍ଟା କରୁଥିଲେ। ହେଲେ ଗାଡିମୋଟରର କ୍ଷୀପ୍ର ଗତି ଯୋଗୁ ଆଗପଛ ହୋଇ ରହି ଯାଉଥିଲେ। କିଛି ସମୟ ଧରି ଏହା ଦେଖିବା ପରେ ରାସ୍ତାକଡକୁ ଡାକ୍ତର ରାମଚନ୍ଦାନୀ ନିଜ କାର ସାଇଡ୍ କରିଥିଲେ। କାରରୁ ଓହ୍ଲାଇ କୁଷ୍ଠରୋଗରେ ଆକ୍ରାନ୍ତ ବୃଦ୍ଧ ଜଣଙ୍କ ପାଖକୁ ଯାଇଥିଲେ। 'ମଉସା କୁଆଡେ ଯିବ' ବୋଲି ପଚାରିବାରୁ ବୃଦ୍ଧ ଜଣକ କହିଥିଲେ 'ବାପା ରାସ୍ତା ସେପଟେ ଦିଶୁଥିବା ମୋ କୁଡିଆକୁ ଯିବି। ହେଲେ ଗାଡିମୋଟର ଧାଁ ଦଉଡ କରୁଥିବାରୁ କେତେବେଳୁ ଏମିତି ଆଗପଛ ହୋଇ ଭୟରେ ରହି ଯାଉଛି'। ଏହା ଶୁଣି ତତ୍‌କ୍ଷଣାତ ଡାକ୍ତର ତାଙ୍କୁ କୋଳେଇ ଧରି ରାସ୍ତା ଆରପଟେ ଥିବା କୁଡିଆରେ ଛାଡିଥିଲେ। 'ଆସୁଛି' ବୋଲି କହିବା ବେଳେ ବୃଦ୍ଧ ଜଣଙ୍କ ଡାକ୍ତରଙ୍କୁ ଧନ୍ୟବାଦ ତ ଦେଲେ ହେଲେ ନାଁ, ଗାଁ ପଚାରିବାକୁ ଭୁଲି ନ ଥିଲେ। ଡାକ୍ତର ନିଜ ପରିଚୟ ବି ଦେଲେ। ଏହା ଜାଣିବା ପରେ ବୃଦ୍ଧ ଜଣକ କହିଲେ 'ବାପା ସତରେ କ'ଣ ତମ ଭଳି ଯୁବକ ବା ଡାକ୍ତର ଏ ସମାଜରେ ଅଛନ୍ତି ଯିଏ କୁଷ୍ଠରୋଗୀକୁ ଛୁଇଁ ପାରୁଛି। ଆମେ ତ ସମାଜରେ ଘୃଣାର ପାତ୍ର।' ଏହା ଶୁଣି ହସିଦେଇ ଡାକ୍ତର ରାସ୍ତା ପାର ହେଲେ ଆଉ ନିଜ କାର ଧରି ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରିଗଲେ। ତେବେ ଡାକ୍ତର କୁଷ୍ଠରୋଗୀଙ୍କୁ କୋଳେଇ ରାସ୍ତା ପାର କରିବା ଦୃଶ୍ୟ ସେଠାରେ ଥିବା ଅନ୍ୟ ଜଣେ ନିଜ ମୋବାଇଲରେ ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହା ଏବେ ଭାଇରାଲ ହେବା ସହ ଡାକ୍ତରଙ୍କୁ ପ୍ରଶଂସାର ସୁଅ ଛୁଟୁଛି। ଏ ନେଇ ଡାକ୍ତରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆମମାନଙ୍କ ଭଳି ସେମାନେ ବି ତ ମଣିଷ ନା। ସମାଜରେ ସମ୍ମାନର ସହ ବଞ୍ଚିବା ସେମାନଙ୍କର ଅଧିକାର ଅଛି। ଆମେ ରୋଗକୁ ଘୃଣା କରିବା ହେଲେ ରୋଗୀଙ୍କୁ ନୁହେଁ। ଶିକ୍ଷିତ ସମାଜ ଏଥିପ୍ରତି ସଚେତନ ହେବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି।



# ବର୍ଷା ଆସିଲାଣି, ଡ୍ରେନ୍ ସଫେଇ ସରୁନି

ସମ୍ବଲପୁର,୩।୬(ବ୍ୟୁରୋ)

ସମ୍ବଲପୁରରେ ନାଳନର୍ଦ୍ଦମା ସଫା କାମ ଶେଷ ହେଉନାହିଁ। ଫଳରେ ଏଥର ବର୍ଷା ଦିନେ ଜଳ ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଏପ୍ରିଲ ମାସ ଶେଷ ସୁଦ୍ଧା ଜିଲା ପ୍ରଶାସନ ସହର ବିଭିନ୍ନ ଛୋଟ ବଡ ନାଳକୁ ସଫା କରିଥାଏ। ହେଲେ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରିନି। ଜୁନ ଦ୍ୱିତୀୟ ସପ୍ତାହରେ ଓଡିଶାକୁ ମୌସୁମୀ ଛୁଇଁବ ବୋଲି ପାଣିପାଗ ବିଭାଗ ଆକଳନ କରି ସୂଚନା ଦେଇଛି। ଏଣୁ ଏଥର ସହରରେ କୃତ୍ରିମ ବନ୍ୟା ହେବା ଜଳ ଜଳ ଦିଶୁଛି। ଶୀତଳଷଷ୍ଠୀ ଯାତ୍ରା କମିଟି ଏପ୍ରିଲ ୧୮ ତାରିଖ ପ୍ରଶାସନର ପ୍ରସ୍ତୁତି ବୈଠକରେ ଏହି ସମସ୍ୟାକୁ ଉପସ୍ଥାପନା କରି ଉଦ୍‌ବେଗ ପ୍ରକାଶ କରିଥିଲା। ସହରରେ ଧୋବିଯୋର ଓ ଟାଙ୍ଗନା ନାଳା ଭଳି ଦୁଇଟି ପ୍ରମୁଖ ନାଳା ରହିଛି । ଏହା ସହ ମୁଖ୍ୟ ରାସ୍ତା ପାର୍ଶ୍ୱ ଗଳି ଗୁଡିକରେ ଡ୍ରେନ ରହିଛି । ହେଲେ ଏବେ ନାଳରେ ଅଳିଆ ଆବର୍ଜନା ପଡି ରହିଛି। ଅନାବନା ଲଟା ସହ ପଙ୍କରେ ପୋତି ହୋଇଛି । ବାରମ୍ବାର ଅଭିଯୋଗ କଲା ପରେ ପ୍ରଶାସନ ପକ୍ଷରୁ ମାତ୍ର ହାତ ଗଣତି କେତୋଟି ଜେସିବି ଓ ଶ୍ରମିକ ଲଗାଇ ସଫେଇ କାମ ଆରମ୍ଭ କରାଯାଇଛି। ହେଲେ ତାହା ଯଥେଷ୍ଟ ନୁହେଁ । ଫାର୍ମ ରୋଡ ଓ ମ୍ୟୁନିସିପାଲିଟି ହାଇସ୍କୁଲ ନିକଟରେ ବ୍ରିଜ କାମ ହୋଇ ପାରିନାହିଁ । ସେହିପରି ଟାଙ୍ଗନା ନାଳା କଂକ୍ରିଟ କାମ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଫାର୍ମରୋଡ ଅଞ୍ଚଳ, ମୁଦିପଡା, ଆମ୍ବେଡକର ନଗର, କୁମ୍ଭାର ପଡା, ତବଲାପଡା, ମାୟା ବଗିଚା ଭଳି ତଳି ଅଞ୍ଚଳବାସୀ ଭୟ କରୁଛନ୍ତି । ହେଲେ ଜବରଦଖଲ ହେତୁ ସଫେଇ କାମ ଓ ନିର୍ମାଣ କାମରେ ବାଧା ହେଉଥିବା ଜଳସେଚନ ବିଭାଗ କହୁଛି। ଅନ୍ୟପକ୍ଷେ ସହରର ମୁଖ୍ୟ ରାସ୍ତା ଗୁଡିକରେ ଡ୍ରେନ ଉପରେ କଂକ୍ରିଟ ସ୍ଲାବ୍ କରାଯାଇଛି। ତେଣୁ ସଫେଇ କାର୍ଯ୍ୟରେ ସମସ୍ୟା ରହୁଛି। ଅଳ୍ପ ବର୍ଷା ହେଲେ ମଧ୍ୟ ଲକ୍ଷ୍ମୀ ଟକିଜ ରୋଡ, ଗେଟିରୋଡ, ହୀରାକୁଦ କଲୋନୀ, ଧନୁପାଲି ଛକ, ହସପିଟାଲ ରୋଡ, ମୁଦିପଡା ଛକ ରାସ୍ତାରେ ପାଣି ଚାଲିବା ଗତ ବର୍ଷାରେ ଦେଖା ଦେଇଥିଲା । ସେହିପରି ଗତ ବର୍ଷ ବନ୍ୟାରେ ତଳି ଅଞ୍ଚଳର ୧୩୪୦ ଘର କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ରହିଛି । ତେବେ ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପଣ୍ଡା କହିଛନ୍ତି ଯେ, ପ୍ରତି ବର୍ଷ ସଫେଇ କରାଯାଏ । ଏବେ ସଫେଇ କାମ ଆରମ୍ଭ ହୋଇଛି । ଜୁନ ୧୦ ତାରିଖ ସୁଦ୍ଧା ଏହା ସରିଯିବ ବୋଲି ସେ କହିଛନ୍ତି।



ସମ୍ବଲପୁର ଧୋବିଯୋର ନାଳା ଦଳରେ ଭର୍ତ୍ତି ହୋଇ ରହିଛି।



ସୋମବାର ଭତରା ଶନି ମନ୍ଦିର ବାର୍ଷିକ ଉତ୍ସବରେ କଳସ ଯାତ୍ରା ।



ସୋମବାର ସମ୍ବଲପୁର ମୁଦିପଡାଠାରେ ସାବିତ୍ରୀ ବ୍ରତ ପୂଜାର୍ଚ୍ଚନା କରାଯାଇଛି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଜୁନ୍ ୪/୨୦୧୯ Sambalpur, Tuesday, June 4 / 2019

# ମୃତଦେହ ବ୍ୟବଚ୍ଛେଦ ପାଇଁ ୧୦ ହଜାର ଟଙ୍କା ଦିଅ


ଡୁଷୁରା ଡାକ୍ତରଖାନା ସମ୍ମୁଖ ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

- ଉତ୍ତେଜନା, ରାସ୍ତା ଅବରୋଧ
- ଟଙ୍କା ମାଗିବା ଅଭିଯୋଗକୁ ଡାକ୍ତରଙ୍କ ଅସ୍ୱୀକାର
- ପ୍ରମାଣ ସହ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ: ସିଡିଏମ୍ଓ

ଗୁଡ୍‌ଭେଲା,୩।୬(ଡି.ଏନ.ଏ.)

ସୋମବାର ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା । ଦୁଃଖରେ ଭାଙ୍ଗି ପଡି ଥିଲେ ପରିବାର ସଦସ୍ୟ। ଏପରି ପରିସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ ସମସ୍ତେ ଅପେକ୍ଷା କରିଥିଲେ । ହେଲେ ଦାୟିତ୍ୱରେ ଥିବା ଡାକ୍ତର କୁଆଡ଼େ ସେଥିପାଇଁ ୧୦ହଜାର ଟଙ୍କା ମାଗିଲେ। ଦାବି ମୁତାବକ ଟଙ୍କା ଦେଇ ନ ପାରିବାରୁ ମୃତଦେହ ବ୍ୟବଚ୍ଛେଦ କରାଗଲାନି। ଶେଷରେ ଜିଲା ଡାକ୍ତରଖାନାକୁ ମୃତଦେହ ପଠାଇବାକୁ ବାଧ୍ୟ କରାଗଲା ବୋଲି ଅଭିଯୋଗ ହୋଇଛି। ଏହି କଥା ଜଣାପଡିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର ଲୋକେ ସ୍ଥାନୀୟ ଯୁବକମାନଙ୍କ ସହ ମିଶି ଡାକ୍ତରଖାନା ସମ୍ମୁଖରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ । ତେବେ ଏପରି ଅଭିଯୋଗକୁ ସଂପୃକ୍ତ ଡାକ୍ତର ଅସ୍ୱୀକାର କରିଛନ୍ତି । ଆବଶ୍ୟକ ପ୍ରମାଣ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ।

ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅଧୀନ ଗୁଣିମୁଣ୍ଡା ଗ୍ରାମର ସମାରୁ ସୁନା (୪୫) ଓ ମୁକ୍ତା ସୁନା(୩୬) ସୋମବାର ସକାଳ ପ୍ରାୟ ୬ଟାରେ ନିଜ ଘର ସାମ୍‌ନାରେ ବସିଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା । ଏଥିରେ ଦୁହେଁ ଚେତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକେ ସେମାନଙ୍କୁ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସମାରୁଙ୍କ ଚିକିତ୍ସା ଚାଲିଥିବା ବେଳେ ମୁକ୍ତା(୩୬)ଙ୍କ ସେଠାରେ ମୃତ୍ୟୁ ଘଟିଥିଲା । ଏ ନେଇ ଡୁଷୁରା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଡୁଷୁରା ଡାକ୍ତରଖାନାକୁ ପଠାଇଥିଲା । ହେଲେ ବ୍ୟବଚ୍ଛେଦ ଦାୟିତ୍ୱରେ ଥିବା ଡାକ୍ତର କୁଆଡ଼େ ୧୦ହଜାର ଟଙ୍କା ମାଗିଥିଲେ । ମୃତ ମହିଳାଙ୍କ ପରିବାର ଲୋକେ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ସମ୍ପୃକ୍ତ ଡାକ୍ତର ମୃତଦେହ ବ୍ୟବଚ୍ଛେଦ କରିବାକୁ ମନା କରିବା ସହ ଜିଲା ମୁଖ୍ୟ ଡାକ୍ତରଖାନକୁ ପଠାଇ ଦେଇଥିବା ବେନାର ନାଗ, ଚୈତନ୍ୟ ଛତ୍ରିଆ, ହୃଦାନନ୍ଦ ସୁନା ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଏ କଥା ଜାଣିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏ ନେଇ ସ୍ଥାନୀୟ ଯୁବକମାନେ ସଂପୃକ୍ତ ଡାକ୍ତରଙ୍କୁ ପଚାରିବାରୁ ସେ କାହାକୁ ଟଙ୍କା ମାଗି ନ ଥିବା କହିଛନ୍ତି। ଡାକ୍ତରଖାନାରେ ଜଣେ ମାତ୍ର ଡାକ୍ତର ଥିବାରୁ ବ୍ୟବଚ୍ଛେଦ କରିବା ସମ୍ଭବ ହୋଇ ନ ଥିଲା । ସେଥିପାଇଁ ମୁଁ ବଲାଙ୍ଗୀର ପଠାଇବାକୁ ବାଧ୍ୟ ହେଲି ବୋଲି କହିଛନ୍ତି । ଏହା ପରେ ବି ସ୍ଥାନୀୟ ଯୁବକମାନଙ୍କ ସହ ମିଶି ପରିବାର ଲୋକେ ଡୁଷୁରା ଡାକ୍ତରଖାନା ସମ୍ମୁଖ ରାସ୍ତାରେ ମୃତଦେହ ରଖି ଅବରୋଧ କରିଥିଲେ । ଖବର ପାଇ ଡୁଷୁରା ତହସିଲଦାର ଚନ୍ଦ୍ରମଣି ନାଗ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଓ ମାଗଣାରେ ଡାକ୍ତର ମୃତଦେହ ବ୍ୟବଚ୍ଛେଦ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ପ୍ରାୟ ୨ଘଣ୍ଟା ଧରି ଚାଲିଥିବା ରାସ୍ତା ଅବରୋଧ ହଟିଥିଲା । ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ସଂଯୁକ୍ତା ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରମାଣ ସହ ଅଭିଯୋଗ କଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ



### ଘରୋଇ ବସ୍ ଓଲଟି ୨୦ ଯାତ୍ରୀ ଆହତ

ଜୟପାଟଣା,୩।୬(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ଅନ୍ତର୍ଗତ ରଜାମୁଣ୍ଡା ଗ୍ରାମ ନିକଟରେ ସୋମବାର ଭୋର ସମୟରେ ଏକ ଘରୋଇ ବସ୍ ଓଲଟି ପଡ଼ିବାରୁ ୨୦ ଜଣ ଆହତ ହୋଇଛନ୍ତି । ଜୟପାଟଣା ବ୍ଲକ୍ ଅନ୍ତର୍ଗତ ଶାସୁଗୁଡ଼ାଠାରୁ କେସିଙ୍ଗା ଅଭିମୁଖେ ଯାଉଥିବା ଘରୋଇ ବସ୍ (ନଂ. ଓଡ଼ି୮ସି ୯୮୯୮) ଭୋର ସମୟରେ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ରଜାମୁଣ୍ଡା ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ୨୦ ଜଣ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କୁ ଜୟପାଟଣା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଗୁରୁତର ୩ ଜଣଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

### କୁମ୍ଭୀର ଟାଣି ନେଇଥିବା ଯୁବକଙ୍କ ମୃତଦେହ ଉଦ୍ଧାର

**ପଟ୍ଟାମୁଣ୍ଡାଇ,୩।୬(ସ୍ୱ.ପ୍ର):** ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ଥିବା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ମଣ୍ଡପଡା ଗ୍ରାମର ସଞ୍ଜୟ କୁମାର ପ୍ରଧାନ(୪୭)ଙ୍କ ମୃତଦେହ ସୋମବାର ସକାଳ ୭ଟାରେ ଉଦ୍ଧାର କରାଯାଇଛି। କୁମ୍ଭୀର ଆକ୍ରମଣରେ ତାଙ୍କର ୨ ଗୋଡ, ହାତ ଖଣ୍ଡିଆ ଖାବରା ହୋଇଯାଇଛି। ରବିବାର ସକାଳ ୯ଟା ବେଳେ ସଞ୍ଜୟ ଗାଁ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀକୁ ତାଙ୍କ ସାଙ୍ଗ ସହ ଗାଧୋଇବା ପାଇଁ ଯାଇ ନିଖୋଜ ଥିଲେ । ଗତକାଲି ବହୁ ଖୋଜାଖୋଜି ପରେ ମଧ ତାଙ୍କ ପତ୍ତା ମିଳି ନ ଥିଲା। ସୋମବାର ସକାଳୁ ଗାଁ ଲୋକେ ଗାଧୁଆ ତୁଠ ଠାରୁ ଅଳ୍ପ ଦୂରରେ ସଞ୍ଜୟଙ୍କ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରିଥିଲେ । ଖବରପାଇ ପଟ୍ଟାମୁଣ୍ଡାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

## ସରକାରୀ ଯୋଜନାର ତଦାରଖ

### ଆଜି ଜିଲାସ୍ତରୀୟ ଅଧିକାରୀଙ୍କ ପଞ୍ଚାୟତ ଗସ୍ତ

ଦେବଗଡ଼,୩।୬(ସ୍ୱ.ପ୍ର)

ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ଏବଂ କାର୍ଯ୍ୟକାରିତା ସମ୍ପର୍କରେ କ୍ଷେତ୍ର ପରିଦର୍ଶନ କରି ତଦାରଖ କରିବା ପାଇଁ ପୂର୍ବରୁ ଜିଲାସ୍ତରରେ କାର୍ଯ୍ୟକାରୀ କରାଯାଉଥିବା କାର୍ଯ୍ୟକ୍ରମ ନିର୍ବାଚନ ଶେଷ ପରେ ପୁଣିଥରେ ଆରମ୍ଭ କରାଯାଇଛି । ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ମାସର ପ୍ରତି ସପ୍ତାହରେ ଜିଲାସ୍ତରୀୟ ଅଧିକାରୀମାନେ ପଞ୍ଚାୟତ ଓ ଗ୍ରାମଗୁଡିକ ପରିଦର୍ଶନ କରି ପ୍ରତ୍ୟକ୍ଷ ଭାବେ ଲୋକମାନଙ୍କ ସହ ଆଲୋଚନା କରିବେ । ସେମାନଙ୍କ ସମସ୍ୟା ଓ ସମ୍ପୃକ୍ତ ଅଞ୍ଚଳରେ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିବେ। ଗସ୍ତରୁ ଫେରି ସେମାନେ ଏ ସମ୍ବନ୍ଧୀୟ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବେ। ରିପୋର୍ଟ ଆଧାରରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲାସ୍ତରୀୟ ଅଧିକାରୀମାନଙ୍କ ଗସ୍ତ ସମୟରେ ବ୍ଲକସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ରହିବେ ।

ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ସପ୍ତାହରେ ଆସନ୍ତା ମଙ୍ଗଳବାର (ଜୁନ୍ ୪ତାରିଖ) ଦିନ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ପ୍ରକଳ୍ପ ନିର୍ଦ୍ଦେଶକ,ଡିଆରଡିଏ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଉପ-ଜିଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ପଟେଲ, ଡେପୁଟି କଲେକ୍ଟର ସିପ୍ରା ସେଠୀ,ବିକ୍ରାଣି କିସପଟ୍ଟା ଓ ଗୀତାଞ୍ଜଳି ବେହେରା, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଜିଲା କାର୍ଯ୍ୟାଳୟର ସହକାରୀ ଜିଲାପାଳମାନେ ସେମାନଙ୍କ ପାଇଁ ନିର୍ଦ୍ଧାରିତ କରାଯାଇଥିବା ପଞ୍ଚାୟତକୁ ଯାଇ କ୍ଷେତ୍ର ପରିଦର୍ଶନ କରିବେ ଏବଂ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ।

## ମାଲବାହୀ ଟ୍ରେନ ଲାଇନଚ୍ୟୁତ

### କୋରାପୁଟ-ଜୟପୁର ରେଳ ଚଳାଚଳ ବ୍ୟାହତ



କୋରାପୁଟ/ଜୟପୁର,୩।୬
(ସ୍ୱ.ପ୍ର./ନି.ପ୍ର./ଡି.ଏନ୍.ଏ.)

କୋରାପୁଟ ବ୍ଲକର ଜରତି-ଛତ୍ରୀପୁଟ ରେଲୱେ ଷ୍ଟେସନ ମଧ୍ୟରେ ସୋମବାର ପୂର୍ବାହ୍ଣରେ ଏକ ଲୁହାପଥର ବୋଝେଇ ଟ୍ରେନ ଲାଇନଚ୍ୟୁତ ହୋଇଛି। ଫଳରେ କୋରାପୁଟ ଓ ଜୟପୁର ମଧ୍ୟରେ ରେଳ ଚଳାଚଳ ବ୍ୟାହତ ହେବା ସହ ସାଧାରଣ ଲୋକଙ୍କ ଯାତ୍ରା ମଧ୍ୟ ବାଧାପ୍ରାପ୍ତ ହୋଇଛି।

ସୂଚନା ଅନୁଯାୟୀ, ଛତିଶଗଡ଼ର ବୈଲାଡିଲାରୁ ଲୁହାପଥର ନେଇ ସୋମବାର ବିଶାଖାପାଟଣା ଯାଉଥିଲା ଏକ ମାଲବାହୀ ଟ୍ରେନ୍। ପୂର୍ବାହ୍ଣ ପ୍ରାୟ ୧୦ଟା ବେଳେ ଛତ୍ରିପୁଟ ନିକଟରେ ଏହାର ଗୋଟିଏ ବଗି ଲାଇନଚ୍ୟୁତ ହୋଇଥିଲା। ଫଳରେ ଭୁବନେଶ୍ୱରରୁ ଜଗଦଳପୁର ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ୍, ରାଉରକେଲାରୁ ଜଗଦଲପୁର ଯାଉଥିବା ରାଉଲକେଲା ଏକ୍ସପ୍ରେସ କୋରାପୁଟ ଷ୍ଟେଶନରେ ଅଟକି ରହିଥିଲା। ଅନ୍ୟପକ୍ଷରେ କିରଣ୍ଡୁଲରୁ ବିଶାଖାପାଟଣା ଯାଉଥିବା ପାସେଞ୍ଜର ଟ୍ରେନକୁ ବାତିଲ କରାଯାଇଥିଲା। ଫଳରେ ସାଧାରଣ ଯାତ୍ରା ବାଧାପ୍ରାପ୍ତ ହେବା ସହ ଯାତ୍ରୀମାନେ ହଇରାଣ ହୋଇଛନ୍ତି।

## ଝଡ଼ ଯୋଗୁ ମଝି ନଈରେ ଓଲଟିଲା ଡଙ୍ଗା

# ବୁଡ଼ିଗଲା ଝିଅ, ପହଁରି କୂଳକୁ ଫେରିଲେ ଦମ୍ପତି

ଚିତ୍ରକୋଣ୍ଡା/ମାଲକାନଗିରି,
୩।୬(ଡି.ଏନ୍.ଏ/ସ୍ୱ.ପ୍ର.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅଧୀନ କୁର୍ମାନୁର ଦେଇ ଯାଇଥିବା ସିଲେରୁ ନଦୀରେ ରବିବାର ଅପରାହ୍ଣରେ ଏକ ଡଙ୍ଗା ଦୁର୍ଘଟଣା ଘଟିଛି। ସାପ୍ତାହିକ ହାଟ ସାରି ଦେଶୀ ଡଙ୍ଗାରେ ଏକ ଦମ୍ପତି ନିଜ ୨ବର୍ଷର ଶିଶୁ ସହ ଘରକୁ ଫେରୁଥିବାବେଳେ ହଠାତ୍ ଝଡ଼ ତୋଫାନ ହେବାରୁ ମଝି ନଈରେ ଡଙ୍ଗା ଓଲଟି ପଡ଼ିଥିଲା। ଫଳରେ ଏଥିରେ ଯାଉଥିବା ଶିଶୁ ସମେତ ୫ଜଣ ବୁଡି ଯାଇଥିଲେ। ଦମ୍ପତି ଦୁହେଁ ପହଁରି ପହଁରି କୂଳକୁ ଚାଲି ଆସିଥିଲେ ମଧ ଶିଶୁ ଓ ଅନ୍ୟ ୨ଜଣ ନିଖୋଜ ହୋଇଯାଇଥିଲେ। ଖୋଜାଖୋଜି ପରେ ଶିଶୁଟିର ମୃତଦେହ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ୨ଜଣଙ୍କ ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ପତ୍ତା ମିଳିନାହିଁ।

ସୂଚନାଯୋଗ୍ୟ ଯେ, ରବିବାର ସୀମାନ୍ତ ଆନ୍ଧ୍ରର ସିଲେରୁଠାରେ ସାପ୍ତାହିକ ହାଟ ଥିବାରୁ କୁର୍ମାନୁର ପଞ୍ଚାୟତ ବଟଲୁର ଗ୍ରାମର ସତୀବାବୁ, ସ୍ତ୍ରୀ ପାର୍ବତୀ, ଝିଅ ଦିବ୍ୟଶ୍ରୀ(୨) ସେଠାକୁ ଯାଇଥିଲେ। ସେମାନଙ୍କ ସହ ଉକ୍ତ ଗାଁର କ୍ରିଷ୍ଣା ବେଣୀ ଏବଂ ପଲାସି କୁର୍ମା ମଧ ହାଟ କରିବାକୁ ସିଲେରୁ ଯାଇଥିଲେ। ହାଟ ସାରି ଅପରାହ୍ଣରେ ପାଙ୍ଗାମପାଡୁବଙ୍ଗାଳି କ୍ୟାମ୍ପରୁ ଦେଶୀ ଡଙ୍ଗାରେ ସିଲେରୁ ନଦୀ ପାର ହୋଇ ନିଜ ଗ୍ରାମ ବଟଲୁର ଫେରିବା ସମୟରେ ହଠାତ୍ କାଳବୈଶାଖୀ ବର୍ଷା ଆରମ୍ଭ ହୋଇଯାଇଥିଲା। ଝଡତୋଫାନ ହେବାରୁ ଡଙ୍ଗାଟି ଭାରସାମ୍ୟ ହରାଇ ମଝି ନେଇରେ ବୁଡିଯାଇଥିଲା। ଡଙ୍ଗାରେ ବସିଥିବା ପାଞ୍ଚ ଜଣ ପାଣିରେ ବୁଡ଼ି ଯାଇଥିଲେ। ସତୀବାବୁ ଓ ପାର୍ବତୀ ବହୁ କଷ୍ଟରେ ପହଁରି କୂଳକୁ ଚାଲିଆସିଥିଲେ। ହେଲେ ତାଙ୍କର ଦୁଇ ବର୍ଷର ଝିଅ ଓ ଅନ୍ୟ ଦୁଇଜଣ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ଦିବ୍ୟଶ୍ରୀଙ୍କ ମୃତଦେହ ମିଳିଥିଲା। କିନ୍ତୁ ପଲାସୀ ଓ ବେଣୀଙ୍କ ପତ୍ତା ଏଯାଏଁ ମିଳିପାରି ନାହିଁ। ଡଙ୍ଗା ଓଲଟିବା ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ସେଠାରେ ପହଞ୍ଚି ନିଖୋଜଙ୍କୁ ଖୋଜି ଉଦ୍ଧାର କାର୍ଯ୍ୟ ଚଲାଇଛନ୍ତି। ଚିତ୍ରକୋଣ୍ଡାରୁ କୌଣସି ପ୍ରଶାସନିକ ଅଧିକାରୀ ଯାଇ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଯେ, ଗତ ତିନି ବର୍ଷ ମଧ୍ୟରେ ଉକ୍ତ ନଦୀରେ ଡଙ୍ଗା ବୁଡି ୧୨ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଛି।

## ସାଉଥ୍‌କୋ କାଉଣ୍ଟରରୁ ୧୫ ଲକ୍ଷ ଚୋରି

### ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଲ୍ ସଂଗ୍ରହ ପରେ ଜମା ଥିଲା

**ଜୟପୁର,୩।୬(ନି.ପ୍ର.):** କୋରାପୁଟ ଜିଲା ଜୟପୁର ରଜାନହର ନିକଟସ୍ଥ ଲାଲସାହିରେ ଥିବା ସାଉଥ୍‌କୋ କାଉଣ୍ଟର ତାଲା ଭାଙ୍ଗି ରବିବାର ରାତିରେ ୧୫ ଲକ୍ଷରୁ ଅଧିକ ଟଙ୍କା ଲୁଟ୍ ହୋଇଛି। ଏନେଇ ସୋମବାର ଟାଉନ ଥାନାରେ ଲିଖିତ ଏତଲା ଦିଆଯିବା ପରେ ତଦନ୍ତ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ବିଦ୍ୟୁତ ଉପଭୋକ୍ତାଙ୍କ ବିଲ ସଂଗ୍ରହ ପାଇଁ ସାଉଥ୍‌କୋ ପକ୍ଷରୁ ଏକ ଫ୍ରାଞ୍ଚାଇଜକୁ ଦାୟିତ୍ୱ ଦିଆଯାଇଛି। ତରୁଣକାନ୍ତ ଦାସ ଉକ୍ତ ଫ୍ରାଞ୍ଚାଇଜ କାଉଣ୍ଟରର ଦାୟିତ୍ୱରେ ରହିଥିଲେ। ତାଙ୍କ କହିବାନୁଯାୟୀ ଗତ ୩୦, ୩୧ ଓ ୧ ତାରିଖ ବିଦ୍ୟୁତ ଉପଭୋକ୍ତାଙ୍କ ବିଲ୍ ଭାବେ ୩ ଦିନର ମୋଟ ୧୫ ଲକ୍ଷ ଟଙ୍କା ଜମା ଥିଲା। ୨ ତାରିଖ ରବିବାର ଛୁଟି ପଡ଼ିଥିବାରୁ ସମସ୍ତ ଟଙ୍କା ସୋମବାର ବ୍ୟାଙ୍କରେ ଜମା କରିବାର ଥିଲା। କିନ୍ତୁ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଶଟର ତାଲା ଭାଙ୍ଗିବା ପରେ କାଉଣ୍ଟରରେ ପଶି ୧୫ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏହା କୌଣସି ଦୁର୍ବୃତ୍ତଙ୍କ କାର୍ଯ୍ୟ ନୁହେଁ, ବରଂ ଠିକାଦାରୀ ସଂସ୍ଥାର କେହି ଏପରି କରିଥିବା ପୋଲିସ ପ୍ରାଥମିକ ତଦନ୍ତ ବେଳେ ସନ୍ଦେହ କରିଛି।

## ବିଭିନ୍ନ ସ୍ଥାନରେ କାଳବୈଶାଖୀ

# ବଜ୍ରପାତରେ ୨ ଗୁରୁତର, ୮ ଗୋରୁ ମୃତ

କୋକସରା/ରିଷିଡ଼ା(ଡି.ଏନ.ଏ.)/
ନୂଆପଡା ଅଫିସ,୩।୬


ମିଛାପାଲି ଗାଁରେ ଗଛତଳେ ମରିପଡିଥିବା ଗୋରୁପଲ ।

କଳାହାଣ୍ଡି ଜିଲା କୋକସରା ବ୍ଲକର ବିଭିନ୍ନ ଅଞ୍ଚଳରେ ସୋମବାର ସକାଳୁ କାଳବୈଶାଖୀ ପ୍ରଭାବରେ ପ୍ରବଳ ଝଡ଼ତୋଫାନ ସହ ବଜ୍ରପାତ ହୋଇଛି। ବଜ୍ରପାତରେ କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ କଛାରପଡ଼ା ଗ୍ରାମର ଜଣେ ନାବାଳିକା ସସ୍ମିତା ନାଏକ (୧୩) ଗୁରୁତର ହୋଇଛନ୍ତି। ସେ ଘର ପାଖରେ ବସି ମୋବାଇଲ ଦେଖୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ସେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭବାନୀପାଟଣା ସ୍ଥାନାନ୍ତର କରାଯାଇଛି। ସେହିପରି କର୍ଲାମୁଣ୍ଡା ବ୍ଲକ ରିଷିଡା ଗାନ୍ଧୀନଗରପଡାର କାହ୍ନୁ କୁମାର (୨୦) ବଜ୍ରପାତରେ ଆହତ ହୋଇଛନ୍ତି। ସେ ରାତିରେ ରିଷିଡାରୁ ବୁଢ଼ୀମୁଣ୍ଡା ଯାଉଥିବାବେଳେ ବଜ୍ରପାତ ହୋଇଥିଲା । ରିଷିଡା କାଳବୈଶାଖୀ ସହ ବର୍ଷା ଲାଗି ରହିଛି । ଝଡ଼ବର୍ଷା ଓ ବଜ୍ରପାତ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ସେହିପରି ବଜ୍ରପାତରେ ନୂଆପଡା ଜିଲାରେ ୮ ଗୋରୁଙ୍କ ମୃତ୍ୟୁ ଘଟିଛି । ସୋମବାର ସକାଳୁ ବଜ୍ରପାତ ସହ ବର୍ଷା ହୋଇଥିଲା । ଗୋରୁପଲ ଗଛତଳେ ଆଶ୍ରୟ ନେଇଥିଲେ। ହେଲେ ବଜ୍ରପାତରେ ସେମାନଙ୍କ ମୃତ୍ୟୁ ଘଟିଛି । ବୋଡେନ ବ୍ଲକ କନକପୁର ଗାଁର ଦୁଇଜଣ ଚାଷୀ ଅମରସିଂ ଧରୁଆ ଓ ରାମଦାସ ଧରୁଆଙ୍କ ୨ଟି ଗାଈ ମରିଥିବାବେଳେ କୋମନା ବ୍ଲକର ଜେଠୁପାଳି ଗାଁର ରଘୁ ରାଉତଙ୍କ ୨ ଗାଈ ଏବଂ ମିଛାପାଲି ଗାଁର ୨ ଚାଷୀଙ୍କ ୪ ଗୋରୁଙ୍କ ମୃତ୍ୟୁ ଘଟିଛି । ପ୍ରାଣୀଧନ ଚିକିତ୍ସା ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ କରିଛନ୍ତି। ତୁରନ୍ତ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ସହାନୁଭୂତିପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

# ଧିମେଇ ଚାଲିଛି ଧାନକିଣା

ସୋନପୁର,୩।୬(ନି.ପ୍ର.)

**ସୁବର୍ଣ୍ଣପୁର ଜିଲା**
- ଲକ୍ଷ୍ୟ ୨୭, ସଂଗ୍ରହ ୮.୯୩ଲକ୍ଷ କୁଇଣ୍ଟାଲ
- କେଁଟରିଆପାଲି, ମୁର୍ଷୁଣ୍ଡି ପ୍ୟାକ୍ସରେ ଧାନ କ୍ରୟ ଆରମ୍ଭ ହୋଇନି
- ୫ କିଲୋ ପର୍ଯ୍ୟନ୍ତ ଧାନ କଟନି ଛଟନି
- ଚାଷୀଙ୍କ ଧାନ ରଖିବାକୁ ସୁରକ୍ଷିତ ବ୍ୟବସ୍ଥା ନାହିଁ

ସୁବର୍ଣ୍ଣପୁର ଜିଲାରେ ରବି ଧାନ କିଣା ଧିମେଇ ଚାଲିଛି। ମେ ୧୫ ତାରିଖରୁ ଆରମ୍ଭ ହୋଇଥିବା ଧାନ କିଣା ଜୁନ୍ ୨ ସୁଦ୍ଧା ମାତ୍ର ୮ ଲକ୍ଷ ୯୩ ହଜାର ୮୩୭ କୁଇଣ୍ଟାଲରେ ପହଞ୍ଚିଛି। ଜିଲାର ୬ଟି ବ୍ଲକ ଓ ବିନିକି ଏନଏସିର ମୋଟ ୯ ହଜାର ୮୪୬ ଜଣ ଚାଷୀ ଧାନ ବିକ୍ରି କରିଥିବା ସରକାରୀ ତଥ୍ୟରୁ ଜଣାପଡିଛି । ଆସନ୍ତା ୬ ତାରିଖରେ ମୌସୁମୀ କେରଳ ଛୁଇଁବ। ଏହାର ପ୍ରଭାବରେ ଆସନ୍ତା ୩ ରୁ ୪ ଦିନ ଓଡିଶାରେ ପ୍ରାକ୍ ମୌସୁମୀ ବର୍ଷା ହେବ । ପରେ ମୌସୁମୀ ଅଧିକ ସକ୍ରିୟ ହେବାର ସମ୍ଭାବନା ରହିଛି। ତେଣୁ ବର୍ଷା ଯୋଗୁଁ ସୁବର୍ଣ୍ଣପୁର ଜିଲାର ଚାଷୀ ଅସୁବିଧାର ସମ୍ମୁଖିନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ବିନିକା ଓ ଡୁଙ୍ଗୁରିପାଲି ବ୍ଲକରେ ଧାନ ବେପାରୀ ଓ ମିଲର୍ସ ଲାଭବାନ ହେବେ।

ଚଳିତ ରବି ଋତୁରେ ସରକାର ଏହି ଜିଲାରୁ ୨୭ ଲକ୍ଷ କୁଇଣ୍ଟାଲ୍ ଧାନ କିଣିବାକୁ ଲକ୍ଷ୍ୟ ରଖିଛନ୍ତି। ଆଗୁଆ ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ଧାନ କିଣା ସାରିବାକୁ ଜିଲାସ୍ତରୀୟ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ୪୮ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଜରିଆରେ ଚାଷୀଙ୍କଠାରୁ ବଳକା ଧାନ ଯୋଗାଣ ବିଭାଗ କିଣିବ। ସପ୍ତାହକ ୬ ଦିନ ଧାନ କିଣିବା ପାଇଁ ବ୍ୟବସ୍ଥା ହୋଇଛି। ସମସ୍ତ ପ୍ୟାକ୍ସକୁ ଧାନ କିଣିବା ପାଇଁ ଟାର୍ଗେଟ୍ ଦିଆଯାଇଛି। କିନ୍ତୁ ବୀରମହାରାଜପୁର ବ୍ଲକର କେଁଟରିଆପାଲି ଓ ମୁର୍ଷୁଣ୍ଡି ପ୍ୟାକ୍ସ ଏ ପର୍ଯ୍ୟନ୍ତ ଧାନ କ୍ରୟ ଆରମ୍ଭ କରିନାହାନ୍ତି। ଅନ୍ୟପକ୍ଷେ ଜିଲାରେ ମିଲ ମାଲିକ, ସମବାୟ ସଂସ୍ଥା ଓ ଆରଏମସିର ଅସାଧୁ ମେଣ୍ଟ ହୋଇଥିବା ଦେଖିବାକୁ ମିଳୁଛି। ମିଲ ମାଲିକମାନେ ପୂର୍ବରୁ ଧାନ କିଣି ନେଇଛନ୍ତି । ମଣ୍ଡିଗୁଡିକ କେବଳ ଧର୍ମକୁ ଆଖିଠାର ଭଳି ଖୋଲାଯାଇଛି। ଚାଷୀଙ୍କ ଧାନ ରଖିବାକୁ କୌଣସି ସୁରକ୍ଷିତ ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷେ ୫ କିଲୋ ପର୍ଯ୍ୟନ୍ତ ଚାଷୀଙ୍କ ଧାନ କଟନି ଛଟନି ହେଉଛି। ମଣ୍ଡିରେ ତାରପୋଲିନ, ପଲିଥିନ, ଥଣ୍ଡା ପାନୀୟ ଜଳ, ଆଲୋକ ବ୍ୟବସ୍ଥା ଏବଂ ଓଆରଏସ ଗଚ୍ଛିତ ନଥିବା ଚାଷୀ ଅଭିଯୋଗ କରିଛନ୍ତି । ତେଣୁ ଚାଷୀଙ୍କ ଧାନ ମଣ୍ଡିକୁ ନୁହେଁ ବରଂ ରାଇସ୍ ମିଲକୁ ସିଧାସଳଖ ଯାଉଛି। ଆରଏମସି କେବଳ କମିଶନି ପାଉଛି। ମିଲର ଏଜେଣ୍ଟ ନାଁରେ ଦଲାଲ ସକ୍ରିୟ ହୋଇ ପଡିଛନ୍ତି। ନିୟମ ଅନୁଯାୟୀ ସରକାରଙ୍କ ଧାନ ସଂଗ୍ରହ ପ୍ରକ୍ରିୟାରେ ମିଲର ଏଜେଣ୍ଟର ଆବଶ୍ୟକତା ନାହିଁ। ମାତ୍ର ଏଠାରେ ଏଜେଣ୍ଟ ନିଯୁକ୍ତି ବର୍ଷ ବର୍ଷ ଧରି ଚାଲି ଆସିଛି। ଏହାର ସୁଯୋଗ ନେଇ ମୁନାଫାଖୋର ବ୍ୟବସାୟୀମାନେ ଅଣ୍ଡରରେଟ୍‌ରେ ଧାନ କିଣିବାର ସୁଯୋଗ ପାଉଛନ୍ତି। ଅଣ୍ଡରରେଟ୍‌ରେ କିଣା ଯାଇଥିବା ଧାନକୁ ସିଧାସଳଖ ବିଭିନ୍ନ ରାଇସ୍ ମିଲ୍‌କୁ ପଠାଯାଉଛି। ସୋନପୁର, ତରଭା ଓ ଉଲୁଣ୍ଡାର ଚାଷୀ ଅଧିକ କ୍ଷତି ସହୁଛନ୍ତି। ପି-ପାସ ସିଷ୍ଟମରେ ଧାନ କ୍ରୟ ହେଉଛି। ସିଧାସଳଖ ଚାଷୀଙ୍କ ଆକାଉଣ୍ଟରେ ଅନଲାଇନ ପେମେଣ୍ଟ ହେଉଛି। ମାତ୍ର ଚାଷୀ ବ୍ୟାଙ୍କରୁ ଟଙ୍କା ଉଠାଇବାରେ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି। ଜିଲାର ୪୦ଟି ମିଲର୍ସ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ସରକାର ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୭୫୦ଟଙ୍କା ଧାର୍ଯ୍ୟ କରିଥିବା ବେଳେ ମିଲର୍ସ ମାନେ ଧାନର ମାନ ଠିକ୍ ନ ଥିବା କହି କଟନି ଛଟନି କରୁଛନ୍ତି। ଚାଷୀ କ୍ଷତି ସହୁଛନ୍ତି। ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଏବେ ମଣ୍ଡିକୁ ଧାନ ଅଧିକ ପରିମାଣରେ ଆସୁଛି। ଜୁନ୍ ୩୦ ତାରିଖ ସୁଦ୍ଧା ଚାଷୀଙ୍କ ସମସ୍ତ ବଳକା ଧାନ କିଣାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକରା କହିଛନ୍ତି ।

**ଆସୁଛି ମୌସୁମୀ**

## ସଂକ୍ଷେପରେ



### ଡାକ୍ତର ହେବାକୁ ଆୟୁଷଙ୍କ ଲକ୍ଷ୍ୟ

**ବରଗଡ଼ ଅଫିସ୍,୩।୬:** ସୋମବାର ପ୍ରକାଶିତ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳରେ ୯୨ପ୍ରତିଶତ ମାର୍କ ରଖି ବରଗଡ଼ ଜିଲାର ଟେକ ରଖିଛନ୍ତି ଗାଇସିଲେଟ ବ୍ଲକ କୁଣ୍ଡାଖାଇ ଗ୍ରାମର ନାରାୟଣ ବିଶ୍ୱାଳ ଓ ବାସନ୍ତୀଙ୍କ ପୁଅ ଆୟୁଷ । ଭୁବନେଶ୍ୱରସ୍ଥିତ ଆଦ୍ୟାନ୍ତ ଯୁକ୍ତଦୁଇ ବିଜ୍ଞାନ କଲେଜରେ ପଢୁଥିବା ଆୟୁଷ ଭବିଷ୍ୟତରେ ଜଣେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ସେ ୨୦୧୭ ମାଟ୍ରିକ ପରୀକ୍ଷାରେ ୯୪ ପ୍ରତିଶତ ମାର୍କ ରଖି ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିଲେ । ଏହା ସହିତ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇଥିବା ବେଳେ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅଜା ମକ୍ତା ଏବଂ ଆଈ ସୁବଳୟାଙ୍କ ସ୍ନେହ ସମେତ କଲେଜ ଅଧକ୍ଷ, ଅଧାପିକା, ଅଧାପକଙ୍କ ଶିକ୍ଷାଦାନ, କଲେଜର ପଠନ ଶୈଳୀ ଏବଂ ମା, ବାପାଙ୍କ ଉତ୍ସାହକୁ ଆୟୁଷ ତାଙ୍କ ସଫଳତାର ଶ୍ରେୟ ଦେଇଛନ୍ତି। ଆୟୁଷଙ୍କ ବାପା ନାରାୟଣ ବରଗଡ଼ ଟାଉନ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି।

### ଲଗାଣ ବର୍ଷା ଆଶଙ୍କାରେ ଚାଷୀ

**ଭେଡ଼େନ,୩।୬(ଡ଼ି.ଏନ.ଏ.):** ଭେଡ଼େନ ବ୍ଲକ ଅଞ୍ଚଳରେ ରବିବାର ସନ୍ଧ୍ୟାରୁ ସୋମବାର ପର୍ଯ୍ୟନ୍ତ ହୋଇଥିବା ଲଗାଣ ବର୍ଷାରେ ଚାଷୀ ସମାଜ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବା ବେଳେ ହଜାର ହଜାର ବସ୍ତା ଧାନ ଖଳା ତଥା ମାର୍କେଟ ୟାର୍ଡ଼ରେ ଖୋଲାରେ ପଡିରହିଛି। ହୋଇଥିବା ଲାଗାଣ ବର୍ଷାରେ ଧାନ ବସ୍ତା ଭିଜି ଯାଇଛି। ଧାନରେ ଅଧିକ ଆଦ୍ରତା ଦର୍ଶାଇ କଟନିଛଟନି କରାଯାଉଛି।

### ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କୁ ନାଗରିକ ସମ୍ବର୍ଦ୍ଧନା

**ବିନିକା, ୩।୬(ଡି.ଏନ୍.ଏ):** ବିନିକା ଏନ୍‌ଏସି ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ସୋମବାର ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିନିକା ବ୍ଲକ୍ ବିଜେଡି ସଭାପତି ଦ୍ୱାରିକାନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ବ୍ଲକ ଅଧକ୍ଷ ଅଶୋକ ନନ୍ଦ, ନଗର ବିଜେଡି ସଭାପତି ସୋମନାଥ ମିଶ୍ର ଏବଂ ଶିକ୍ଷାବିତ୍ ରଘୁନାଥ ପଣ୍ଡା ଯୋଗଦାନ କରିଥିଲେ। ବରଷ୍ଠ ନାଗରିକ ସଂଗଠନ, ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାଶ, ସରପଞ୍ଚ ସଂଘ ସଭାପତି ଲକ୍ଷ୍ମଣ ସାହୁ,ପ୍ରାଥମିକ ଶିକ୍ଷକ ସଂଘ, ବିଜୁ ଯୁବ ବାହିନୀ, ମହିଳା ମହାସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବୀରମହାରାଜପୁରରେ ପ୍ରଥମ ଶୀତଳ ଷଷ୍ଠୀ ଯାତ୍ରା
# ମନ୍ଦିର କମିଟି ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ

**ବୀରମହାରାଜପୁର, ୩।୬ (ଡି.ଏନ୍.ଏ.)**

ବୀରମହାରାଜପୁର ବ୍ଲକରେ ଏବର୍ଷ ପ୍ରଥମ କରି ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏଠାକାର ମହାନଦୀ ତଟବର୍ତ୍ତୀ ପ୍ରସିଦ୍ଧ ଶୈବପୀଠ ବାବା ଗୋଧନେଶ୍ୱର ମନ୍ଦିର ପରିଚାଳନା କମିଟି ତରଫରୁ ଏଭଳି ନିଷ୍ପତ୍ତି ହୋଇଛି। ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ରଥଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଛି। ପାଳିତ ହେବାକୁ ଥିବା ପ୍ରଥମ ଶୀତଳଷଷ୍ଠୀ ଯାତ୍ରା ପାଇଁ ଗୋବିନ୍ଦପୁର ଗ୍ରାମର ମୀନାକ୍ଷୀ ହୋତା ଓ ତାଙ୍କ ସ୍ୱାମୀ ଅଶୋକ କୁମାର ପୁରୋହିତ କନ୍ୟା ମାତାପିତା ଭାବେ ମନୋନୀତ ହୋଇଛନ୍ତି। ସେହିପରି ବାଗମାରିର ସୁନିତା ମିଶ୍ର ଓ ସ୍ୱାମୀ ସନ୍ତୋଷ ମିଶ୍ର ବରପିତା ଭାବେ କାର୍ଯ୍ୟନିର୍ବାହ କରିବେ ବୋଲି ଜଣାଯାଇଛି। ଶିବପାର୍ବତୀଙ୍କ ବିବାହ ଉତ୍ସବ ସକାଶେ ଆସନ୍ତା ୭ ତାରିଖ ସକାଳ ୮ଟାରେ ଗଣଶନ ଅନୁଷ୍ଠିତ ହେବ ଏବଂ ସନ୍ଧ୍ୟାରେ ଗୋଧେନେଶ୍ୱର ମନ୍ଦିରରୁ ଏକ ଭବ୍ୟ ବିବାହ ଶୋଭାଯାତ୍ରା ଗୋବିନ୍ଦପୁର ଅଭିମୁଖେ ବାହାରିବ। ସେଠାରେ ଲୋକାଚାର ମତେ ଶିବପାର୍ବତୀଙ୍କ ବିବାହ ସମ୍ପନ୍ନ କରାଯିବ ବୋଲି ସୂଚନା ମିଳିଛି। ୮ ତାରିଖ ବାବା ଗୋଧନେଶ୍ୱର ଓ ମାତା ପାର୍ବତୀ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ମଧାହ୍ନରେ କନ୍ୟା ତଥା ବରପକ୍ଷ ତରଫରୁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି। ଏତଦ୍‌ବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବାର ସୂଚନା ମିଳିଛି। ପ୍ରଥମ କରି ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବ ଆୟୋଜନ କରାଯାଇଥିବାରୁ ଉତ୍ସାହ ପରିଲକ୍ଷିତ ହୋଇଛି।

## ଲୁହାରଡ ବୋଝେଇ ଟ୍ରାକ୍ଟର ଓଲଟିଲା

**ବିନିକା, ୩।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ସଂସାମୁରା-ପଣ୍ଡକିଟାଲ କେନାଲ ରାସ୍ତାର କୌଡିଆମୁଣ୍ଡା ନିକଟରେ ସୋମବାର ଏକ ଲୁହାରଡ ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିଛି। ଦୁର୍ଘଟଣାରେ ଡ୍ରାଇଭର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ସୋନପୁର ଡାକ୍ତରଖାନା ପଠାଯାଇଛି ।

# ଯୁକ୍ତ ୨ ବିଜ୍ଞାନରେ ବିକାଶର ସଫଳତା

ବରଗଡ଼ ଅଫିସ୍,୩।୬



ଚିନ୍ମୟ କୁମାର ଶିଆଲ, କଲେଜ ଟପ୍ପର

- ୨୪ଜଣ ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ
- ୧୮୨ଜଣ ୭୦ ପ୍ରତିଶତରୁ ଅଧିକ

ଯୁକ୍ତ୨ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବିଜ୍ଞାନ ପରୀକ୍ଷାରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ର ଚିନ୍ମୟ କୁମାର ଶିଆଲ ୫୨୮ ମାର୍କ ପାଇ କଲେଜ ଟପ୍ପର ହୋଇଛନ୍ତି । ୯ଜଣ ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖି ମହାବିଦ୍ୟାଳୟକୁ ପଶ୍ଚିମଓଡ଼ିଶାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପ୍ରତିଷ୍ଠିତ କରି ପାରିଛନ୍ତି । ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ୨୪ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବରଗଡ଼ ଶାଖାର ୧୬ଜଣ ଓ ସମ୍ବଲପୁର ଶାଖାର ୮ଜଣ ଅଛନ୍ତି । ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ୧୮୨ଜଣଙ୍କ ମଧ୍ୟରୁ ବରଗଡ଼ ଶାଖାର ୧୧୯, ସମ୍ବଲପୁର ଶାଖାର ୬୩ଜଣ ଅଛନ୍ତି । ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ପ୍ରସ୍ମିତା ପ୍ରଜ୍ଞା ଭୋଇ ୫୨୨, ପ୍ରବୀଣ ମହାପାତ୍ର ୫୧୮, ପ୍ରୀତି ସେବକ ୫୧୩, ସୁରଜ ପାଣିଗ୍ରାହୀ ୫୦୮, ଶ୍ରୀକାନ୍ତ ବିର୍ଦ୍ଧିଆ ୫୦୧ ମାର୍କ ରଖି ସଫଳତା ତାଲିକାର ଶୀର୍ଷରେ ରହିଛନ୍ତି । ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମ୍ବଲପୁରର ଛାତ୍ର କୁନାଲ ରଞ୍ଜନ ପଟେଲ ୫୨୧ ମାର୍କ ସହିତ କଲେଜ ଟପ୍ପର ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି କୃତିତ୍ୱରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି.ମୂରଲୀକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି.ଭାସ୍କର ରାଓ, ଡାଇରେକ୍ଟର(ଆଡ଼ମିନିଷ୍ଟ୍ରେଶନ) ଡି.ନାଗେଶ୍ୱର ରାଓ, ବରଗଡ଼ ଅଧକ୍ଷ ମୁରାରୀ ପ୍ରସାଦ ସାହୁ, ସମ୍ବଲପୁର ଅଧକ୍ଷ ସଞ୍ଜୀବ କୁମାର ବାବୁ, ଆଡ଼ମିନିଷ୍ଟ୍ରେଟିଭ ଅଫିସର ଏସ୍.କାନ୍ତାରାଓ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ ସହିତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସାଧୁବାଦ ଜଣାଇଛନ୍ତି ।

## ଭୀମଭୋଇ ସାମର୍ଥ୍ୟ ଶିବିର

**ବରଗଡ଼ ଅଫିସ୍,୩।୬:** ବରଗଡ଼ସ୍ଥିତ ସ୍ୱତନ୍ତ୍ର ବିଦ୍ୟାଳୟ(ଶାରୀରିକ ଅକ୍ଷମ ସ୍କୁଲ) ପରିସରରେ ସୋମବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଯୋଗ ଦେଇଥିଲେ। ଶିବିରରେ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରାଯିବା ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିବିରରେ ଶତାଧିକ ଦିବ୍ୟାଙ୍ଗ ଯୋଗ ଦେଇଥିଲେ।

## ଆନନ୍ଦ ଆଚାର୍ଯ୍ୟ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୩।୬**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ସୋମବାର ପ୍ରଥମ ଆନନ୍ଦ ଆଚାର୍ଯ୍ୟ ପ୍ରିମିୟର କ୍ରିକେଟ୍ ଲିଗ୍ ଉଦ୍‌ଘାଟିତ ହୋଇଛି । ସଚ୍ଚି ପଣ୍ଡାଙ୍କ ସଂଯୋଜନା ଏବଂ ଦେବଦତ୍ତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅତାବିରା ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ବିକାଶ ଗ୍ରୁପର ଅଧକ୍ଷ ଡି.ମୂରଲୀକ୍ରୀଷ୍ଣା, ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ପିତ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲା କ୍ରିକେଟ ଆସୋସିଏଶନର ଶୁଭ୍ରାଂଶୁ ଶେଖର ମହାପାତ୍ର, ରବି ପଣ୍ଡା, ହରିହର ପ୍ରଧାନ, ପ୍ରଦୀପ ନନ୍ଦ, ଗୁରୁଦତ୍ତ ଦାଶ, ଚନ୍ଦ୍ରଶେଖର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶେଖ ଶବଦର, ପ୍ରତାପ ଦାଶ, ୱାସିମ ରାଜା, ସଂକଳ୍ପ ରାଉତ, ଅଙ୍କିତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଉଦ୍‌ଘାଟନୀ ଦିବସରେ ବରଗଡ଼ ସ୍ୱାର୍ଟାନ୍ସ ଓ ବରଗଡ଼ ରୋୟଲ ଟାଇଗର ମଧ୍ୟରେ ମ୍ୟାଚ ହୋଇଥିଲା । ମ୍ୟାଚକୁ ପୃଥ୍ୱୀରାଜ ମିଶ୍ର, ଅମିୟ ଭୂଷଣ ସାହୁ ପରିଚାଳନା କରିଥିଲେ । ସୁରେଶ ଦାଶ ତୃତୀୟ ଅମ୍ପାୟାର ଏବଂ ଉଇଲସନ ସିଂ ମ୍ୟାଚ ରେଫେରୀ ଦାୟିତ୍ୱ ନିର୍ବାହ କରିଥିଲେ। ରଜତ ଦାଶ ସ୍କୋରର, ମନୋଜ ଦାଶ ଓ ଶୁଭମ ଦାଶ ଉଦ୍‌ଘୋଷକ ଭାବେ ରହିଥିଲେ । ମଙ୍ଗଳବାର ପ୍ରଥମ ମ୍ୟାଚ ପପଙ୍ଗା ବୀର ଓ ସୁରେନ୍ଦ୍ର ବୀର ଏବଂ ଦ୍ୱିତୀୟ ମ୍ୟାଚ ଶକ୍ତି ୱାରିୟର ଓ ବରଗଡ଼ ରୋୟଲ ଟାଇଗର ମଧ୍ୟରେ ହେବାର କାର୍ଯ୍ୟକ୍ରମ ରହିଛି ।

## ଫଟୋରେ ଖବର



ସୋନପୁର ସହରରେ ସାବିତ୍ରୀ ବ୍ରତ ଅବସରରେ ମହିଳା ମାନେ ପୂଜା କରୁଛନ୍ତି ।

## କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟ
# ପ୍ଲେଅଫ୍‌ରେ ପହଞ୍ଚିଲା କୋଟସମଲାଇ

**ଅମରପାଲି, ୩।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇଠାରେ ଚାଲିଥିବା ଅଷ୍ଟମ କୋଟସମଲାଇ ପ୍ରିମିୟର ଲିଗ କ୍ରିକେଟର ଅଷ୍ଟମ ଦିବସରେ ନୂଆଁଗନିଆକୁ ହରାଇ କୋଟସମଲାଇ ପ୍ଲେଅଫ୍‌ରେ ପ୍ରବେଶ କରିଛି। ନୂଆଁଗନିଆ ଟସ୍ ଜିଣି କୋଟସମଲାଇକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। କୋଟସମଲାଇ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୭୩ ରନ କରିଥିଲା। ଦଳର ନିତ୍ୟାନନ୍ଦ ୪୩ ରନ ଓ ସୋମନାଥ ୧୪ ରନ କରିଥିଲେ। ବିପକ୍ଷ ବନମାଳୀ ୨ଟି ଓ କାର୍ତ୍ତିକ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ନୂଆଁଗନିଆ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୩୭ ରନ କରି ପରାସ୍ତ ହୋଇଥିଲା। ଦଳର ଦୟା ୧୨ ରନ କରିଥିବା ବେଳେ ବିପକ୍ଷ ପରମାନନ୍ଦ ଓ ଅନୀଲ ୩ଟି ଲେଖାଏଁ ଉଇକେଟ ନେଇଥିଲେ। କୋଟସମଲାଇର ନିତ୍ୟାନନ୍ଦଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳଟିକୁ ବିଶ୍ୱନାଥ ବାରିକ ଓ ଗୋକୁଳାନନ୍ଦ ପଧାନ ପରିଚାଳନା କରିଥିବା ବେଳେ ନେହେରୁ ସେଠୀ ସ୍କୋରିଂ ଏବଂ ଘୁଣ୍ଟୁଗୋପାଳ ପୁରୋହିତ ଓ ଦେବହରି ଦେହେରୀ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ଅନ୍ତର୍ଡା ପ୍ରିମିୟର ଲିଗ୍: ଭିଭିଆର୍ ଦଳ ଚମ୍ପିୟନ

**ବିନିକା, ୩।୬(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ଅନ୍ତର୍ଡା ଖେଳ ପଡିଆରେ ଚାଲିଥିବା ଅନ୍ତର୍ଡା ପ୍ରିମିୟର ଲିଗ୍ ମ୍ୟାଚ୍ ସୋମବାର ଉଦ୍‌ଯାପିତ ହୋଇଛି। ରବିବାର ଫାଇନାଲ ମ୍ୟାଚ୍‌ରେ ଭିଭିଆର୍ ଏବଂ ଅନ୍ତର୍ଡା-୧୧ ମଧ୍ୟରେ ମୁକାବିଲା ହୋଇଥିଲା । ଭିଭିଆର୍ ଟସ୍ ଜିଣି ୧୨ ଓଭରରେ ୧ ଉଇକେଟ୍ ରେ ୧୨୪ରନ୍ ସଂଗ୍ରହ କରିଥିଲା। ୧୨୪ରନ୍ ପିଛା କରି ଅନ୍ତର୍ଡା ୧୨ଓଭରରେ ୭ଉଇକେଟ୍ ହରାଇ ୧୧୪ରନ୍ କରି ପରାଜିତ ହୋଇଥିଲା । ଭିଭିଆର୍ ଦଳର କ୍ୟାପଟେନ୍ ମାନସ ରଞ୍ଜନ ଭୋଇ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଓ ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ପୁରସ୍କୃତ ହେବା ସହିତ ଚମ୍ପିୟନ ଟ୍ରଫି ଗ୍ରହଣ କରିଥିଲେ।

## ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ
# ସୁବର୍ଣ୍ଣପୁର ଜିଲାରେ ପାସ୍ ହାର ୭୭.୮୪%

**ସୋନପୁର,୩।୬(ନି.ପ୍ର.)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଜିଲାରେ ପାସ୍ ହାର ୭୭.୮୪% ରହିଛି । ଜିଲାର ୯ଟି କଲେଜର ୬୬୪ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୬୩୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୪୯୨ ଜଣ କୃତକାର୍ଯ୍ୟ ହୋଇଛନ୍ତି । ୫ ଜଣ ପରୀକ୍ଷାର୍ଥୀ କପି କରି ମାଲ ପ୍ରାକ୍ଟିସ୍‌ରେ ବୁକ୍ ହୋଇଥିବା ଯୋଗୁଁ ସେମାନଙ୍କ ପରୀକ୍ଷା ଫଳ ପ୍ରକାଶିତ ହୋଇନାହିଁ । ପ୍ରକାଶିତ ପରୀକ୍ଷା ଫଳ ଅନୁସାରେ ଚଳିତ ଥର ଜିଲାରେ କେହି ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ନାହାନ୍ତି। ପ୍ରଥମ ଶ୍ରେଣୀରେ ୧୫୨ଜଣ, ଦ୍ୱିତୀୟ ଶ୍ରେଣୀରେ ୧୬୭ଜଣ ଓ ତୃତୀୟ ଶ୍ରେଣୀରେ ୧୬୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଫଳାଫଳ ଅନୁଯାୟୀ ସୋନପୁରର ସୁକାନ୍ତି ଏକାଡେମୀ ଯୁକ୍ତ ୨ ଆବାସିକ ବିଜ୍ଞାନ କଲେଜ ୯୮ ପ୍ରତିଶତ ସଫଳତା ଅର୍ଜନ କରିଛି। ଏହି କଲେଜରେ ଚଳିତ ବର୍ଷ ୧୯୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧୪ ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୫୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୋନପୁର କଲେଜରେ ପ୍ରଥମ ଶ୍ରେଣୀରେ ୧୫ ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୨୦ ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି ।

### ଇଞ୍ଜିନିୟର ହେବେ ଆଶିଷ



ସୋନପୁର ସୁକାନ୍ତି ଏକାଡେମୀ ଯୁକ୍ତ ୨ ଆବାସିକ ବିଜ୍ଞାନ କଲେଜର ଛାତ୍ର ଆଶିଷ ସାହୁ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୮୮.୧୬% ନମ୍ବର ରଖି ସୁବର୍ଣ୍ଣପୁର ଜିଲାରେ ଟପ୍ପର ହୋଇଛନ୍ତି। ମୋଟ ୬୦୦ ନମ୍ବରରୁ ସେ ୫୨୯ ନମ୍ବର ରଖିଛନ୍ତି। କଲେଜ ଛାତ୍ରାବାସରେ ରହି ପାଠ ପଢୁଥିବା ଆଶିଷ ଦୈନିକ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଥିଲେ। ପିଲା ବେଳୁ ସେ ଜଣେ ମେଧାବୀ ଛାତ୍ର। ମାଟ୍ରିକ୍ ପରୀକ୍ଷାରେ ୮୬.୮୩% ନମ୍ବର ରଖିଥିଲେ। ଭବିଷ୍ୟତରେ ଜଣେ ଇଞ୍ଜିନିୟର ହୋଇ ଦେଶ ପାଇଁ କାମ କରିବାକୁ ତାଙ୍କର ଲକ୍ଷ୍ୟ ରହିଛି। ମା' କୁସୁମ ସାହୁ ଜଣେ ଗୃହିଣୀ ହୋଇଥିବା ବେଳେ ବାପା କନ୍ହେଇ ବ୍ୟବସାୟ କରନ୍ତି। ପରିବାରର ଆର୍ଥିକ ସ୍ଥିତି ସେତେଟା ସ୍ୱଚ୍ଛଳ ନୁହଁ। ବିନିକା ବ୍ଲକ ବାଉଁଶୁଣୀ ଗ୍ରାମରେ ତାଙ୍କ ଘର। ଏହି ସଫଳତାର ଶ୍ରେୟ କଲେଜର ଅଧାପିକା, ଅଧାପକ, ମାତା ପାତା ଓ ଗୁରୁଜନଙ୍କୁ ଦେଇଛନ୍ତି । -**ଆଶିଷ ସାହୁ**

## ଉଲୁଣ୍ଡା ବ୍ଲକସ୍ତରୀୟ ସମ୍ବର୍ଦ୍ଧନା ସଭାରେ ପଦ୍ମନାଭଙ୍କ ବକ୍ତବ୍ୟ
# ପାନୀୟ ଜଳ, ଜଳସେଚନକୁ ଗୁରୁତ୍ୱ ଦିଆଯିବ

**ଉଲୁଣ୍ଡା, ୩।୬(ଡି.ଏନ.ଏ.)**




ବ୍ଲକସ୍ତରୀୟ ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ପଦ୍ମନାଭ ବେହେରା ବକ୍ତବ୍ୟ ରଖୁଛନ୍ତି।

୨୦୦୯ ସାଧାରଣ ନିର୍ବାଚନଠାରୁ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ଅଧୀନ ଉଲୁଣ୍ଡା ବ୍ଲକର ଜନସାଧାରଣ ମୋ ଉପରେ ବାରମ୍ବାର ଆସ୍ଥା ରଖିଆସିଛନ୍ତି। ଚଳିତ ନିର୍ବାଚନରେ ବିନା ସ୍ୱାର୍ଥ ଓ ଲାଳସାରେ ମୋତେ ଆଶୀର୍ବାଦ ଦେଇ ବିଜୟୀ କରିଛନ୍ତି। ତାଙ୍କର ଏଇ ଭଲ ପାଇବା ଓ ମୋ ଉପରେ ରଖିଥିବା ଭରସାକୁ ମୁଁ ନ୍ୟାୟ ଦେବାକୁ ଚେଷ୍ଟା କରିବି। ବିଶେଷ କରି ଉଲୁଣ୍ଡା ଅଞ୍ଚଳରେ ଥିବା ଜଳସେଚନ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ସମସ୍ୟା ସବୁକୁ ଦୂରୀଭୁତ କରିବା ମୋ ପ୍ରଥମ ଦାୟିତ୍ୱ ହେବ ବୋଲି ବ୍ଲକସ୍ତରୀୟ ସମ୍ବର୍ଦ୍ଧନା ସଭାରେ ନବନିଯୁକ୍ତ କ୍ୟାବିନେଟ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରକାଶ କରିଛନ୍ତି। ଆଗାମୀ ୫ବର୍ଷ ମଧ୍ୟରେ ପାତାଳୀ ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କର ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯିବ ବୋଲି ଏହି ଅବସରରେ ମନ୍ତ୍ରୀ ବେହେରା ପ୍ରତିଶ୍ରୁତି ଦେଇଥିଲେ। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ଗଣ୍ଡାବାହାଲ ଶ୍ରୀକୃଷ୍ଣ ମଣ୍ଡପରେ ସଭାପତି ଝସକେତନ ବଘାରଙ୍କ ଅଧକ୍ଷତାରେ ହୋଇଥିବା ଏହି ସମ୍ବର୍ଦ୍ଧନା ସଭାରେ ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ସମେତ ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ଉଲୁଣ୍ଡା ବ୍ଲକ ଉପାଧକ୍ଷ ଅଶୋକ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଉଲୁଣ୍ଡା ବ୍ଲକର ଯୁବ ମହାସଂଘ, ଶିକ୍ଷକ ସଂଘ, ବିଜୁ ଯୁବ ବାହିନୀ, ସଂକୀର୍ତ୍ତନ୍ୟ ସଂଘ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ, ପାତାଳି ଶ୍ରୀକ୍ଷେତ୍ର ପରିଚାଳନା କମିଟି, ବ୍ଲକ ଯୁବ ବିଜେଡି ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଦଳର ବରିଷ୍ଠ କର୍ମୀ ହିମାଂଶୁ ଶେଖର ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟମାନେ ସାମିଲ ହୋଇଥିଲେ। ଏହି ଅବସରରେ ଦଳ ତରଫରୁ ଉଲୁଣ୍ଡା ବସ୍ତିରେ ଏକ ବିରାଟ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ତେଲିବନ୍ଧରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି

ଜହ୍ନାପଙ୍କ,୩।୬(ଡି.ଏନ.ଏ)- ବୌଦ୍ଧ ବ୍ଲକ ଅଧୀନ ତେଲିବନ୍ଧ ବସ୍‌ଷ୍ଟାଣ୍ଡ ନିକଟରେ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି ହୋଇଛି। ତେଲିବନ୍ଧ ଦେଇ ବୌଦ୍ଧ- ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଯାଇଥିବା ବେଳେ ପ୍ରତ୍ୟହ ଏହି ଛକରୁ ବୌଦ୍ଧ ଜିଲାର ବିଭିନ୍ନ ଗ୍ରାମ ସହ ସୋନପୁର, ବଲାଙ୍ଗୀର ଆଦି ସ୍ଥାନକୁ ଯିବାକୁ ନେଇ ଉକ୍ତ ଛକରେ ଯାତ୍ରୀମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ହେଲେ ବିଶ୍ରାମାଗାର ନ ଥିବାରୁ ଲୋକେ ଖରା, ବର୍ଷା, ଶୀତ କାକରରେ ବାହାରେ ଠିଆ ହୋଇ ବସ୍‌କୁ ଅପେକ୍ଷା କରିବାକୁ ପଡିଥାଏ। ଏପରି କି ଉକ୍ତ ଛକରେ ପଞ୍ଚାୟତ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ସେବା ସମବାୟ ସମିତି, ଡାକଘର ଆଦି ଅନୁଷ୍ଠାନ ରହିଛି । ଫଳରେ ଲୋକେ ବାଧ ହୋଇ ଛକରେ ଥିବା ଏକ ଚା ଦୋକାନ ରେ ଆଶ୍ରୟ ନେଉଛନ୍ତି। ସେହିପରି ଏଠାରେ ପରିସ୍ରାଗାର ନ ଥିବାରୁ ବିଶେଷ କରି ମହିଳାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ, ୬ମାସ ତଳେ ଛକରେ ଥିବା ଏକ ଯାତ୍ରୀ ବିଶ୍ରାମାଗାରକୁ ଏକ ମିନିଟ୍ରକ ଧକ୍କା ଦେଇଥିଲା। ଫଳରେ ବିଶ୍ରାମାଗାରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଏନେଇ ଯାତ୍ରୀ ବିଶ୍ରାମଗାର ସହ ଏକ ପରିସ୍ରାଗାର ନିର୍ମାଣ କରିବା ପାଇଁ ତେଲିବନ୍ଧ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

**ବରଗଡ଼ ଅଫିସ୍,୩।୬**



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

- ବର୍ଷା ସାଜିଛି କାଳ
- ପଡୁନି ମିଲର୍ସଙ୍କ ପାଦ
- ମଣ୍ଡିରୁ ଉଠୁନି ଧାନ

ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ସପ୍ତାହ ପରେ ମାସେ ପୂରିବ। ହେଲେ ଧାନ କିଣାବିକା ପ୍ରକ୍ରିୟା ସ୍ୱାଭାବିକ ହୋଇପାରି ନାହିଁ। ମଣ୍ଡିକୁ ଆସୁଥିବା ଧାନ ଅନୁପାତରେ ତାହା ଉଠୁନାହିଁ। ଫଳରେ ମଣ୍ଡିଗୁଡିକରେ ଚାଷୀଙ୍କ ଧାନ ବିକ୍ରି ନ ହୋଇ ପଡିରହିଛି। ଖୋଲା ଆକାଶତଳେ ଧାନ ଥିବାରୁ ବର୍ଷା ପାଣିରେ ଭିଜୁ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ଆଳ କରି କଟନୀଛଟନୀ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏନେଇ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି।

ଏଭଳି ଅଭିଯୋଗ ନେଇ ସୋମବାର ଅତାବିରା ବ୍ଲକ ଲହଣ୍ଡା ଗ୍ରାମର ଚାଷୀମାନେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ଚାଷୀମାନେ ଉଲ୍ଲେଖିତ କରିଛନ୍ତି, ଲହଣ୍ଡା ଗ୍ରାମରେ ରହିଥିବା ଧାନକ୍ରୟରୁ ଧାନ ଉଠାଣ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଛି । ଅନ୍ୟପକ୍ଷେ ରବିବାର ରାତ୍ରି ଏବଂ ସୋମବାର ଭୋର୍‌ରେ ହୋଇଥିବା ବର୍ଷାରେ ମଣ୍ଡିରେ ଥିବା ଧାନ ଭିଜିଯାଇଛି । ଆଗକୁ ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରା ନ ଗଲେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେବେ ବୋଲି କହିଛନ୍ତି ।

ସ୍ମାରକପତ୍ରରେ ଚାଷୀମାନେ ଆହୁରି ଉଲ୍ଲେଖିତ କରିଛନ୍ତି, ଲହଣ୍ଡା ମଣ୍ଡିରୁ ଦୂରସ୍ଥାନରେ ରହିଥିବା ମିଲର୍ସଗୁଡ଼ିକୁ ଧାନ ଉଠାଣ ଦାୟିତ୍ୱ ଦିଆଯାଇଛି । ଫଳରେ ମିଲର୍ସମାନେ ନିୟମିତ ଲହଣ୍ଡା ମଣ୍ଡିକୁ ଧାନ ଉଠାଇବା ପାଇଁ ଆସୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଅପରପକ୍ଷେ ଲହଣ୍ଡା ଗ୍ରାମଠାରୁ ଅନତିଦୂରରେ ମଧ ମିଲର୍ସ ରହିଛନ୍ତି। ହେଲେ ସେମାନଙ୍କୁ ମଣ୍ଡିରୁ ଧାନ ଉଠାଣ ଦିଆଯାଇ ନାହିଁ। ଫଳରେ ଲହଣ୍ଡା ଗ୍ରାମ ପାଖରେ ରହିଥିବା ମିଲର୍ସଙ୍କୁ ମଣ୍ଡିରୁ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। କ୍ଷୀରେଶ୍ୱର ବେହେରା, ସଦାଶିବ ପ୍ରଧାନ, ଉମାକାନ୍ତ ପ୍ରଧାନ, ଗୋପାଳ ସାହୁ, ପ୍ରହଲ୍ଲାଦ ଭୋଇ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିବା ପାଇଁ ଜିଲାପାଳ ଅଫିସକୁ ଆସିଥିଲେ ।

# ପୁରନା ବଁଧ୍‌କଟାର ପୁନରୁଧାର ଦାବି

**ଅତାବିରା, ୩।୬ (ଡି.ଏନ.ଏ.):**

**ଅତାବିରା ବ୍ଲକ**
- ତୁପି ହେବାକେ ବସଲାନ ଶତାଧିକ ବଁଧ୍‌କଟା
- ଫାଏଦା ଉଠଉଛନ୍ ଜବରଦଖଲକାରୀ

କେନ୍ଦ୍ର ଆର ରାଏଜ୍ ସରକାର ଗାଁଗଁଲିରୁ ସହର ତକ୍ ଲୁକ୍‌କର ଲାଗି ପିଇଲା ପାଏନ୍‌ର ବେବସ୍ତା କରି କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ଗାଁଗଁଲିରେ ଥିବାର ପୁରାତନ ବଁଧ୍‌କଟାର ପୁନଃରୁଧାର ନାଇଁ କରାଯିବାର। ଯେନ୍‌ଥିରଲାଗି ଇ ପୁରାତନ୍ ବଁଧ୍‌କଟାମାନ ମାଏଟ୍ କାମ୍ ଅଭାବୁ ଦିନୁଦିନ୍‌କେ ତୁପି ହେଇଯାଉଛେ। ଆଗ୍‌ରୁ ଲୋକ୍ ବଁଧ୍‌କଟା ଉପରେ ନିରଭର କରି ଚାଷ୍ କରୁଥିଲେ। ଏହେଦେ ଦେଖ୍‌ଭାଲ ଆର ବିଭାଗୀୟ ଅଧିକାରୀମାନକର ଅବହେଲା ଲାଗି ଅନେକ ଜାଗାରେ ପୁରାତନ୍ ବଁଧ୍‌କଟାମାନ ତୁପି ହେଇଗଲାନ। ଏନ୍‌ତା ଗୁଟେ ଘଟନା ଦେଖ୍‌ବାକେ ମିଳିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ଦେଶଭଟିଲି–ବିଶିପାଲି ରାସ୍‌ତା ତରେ ଥିବାର ବଡ଼କଟାରେ। ଦିନ୍ ଥିଲା ୧୬ ଏକର ଜାଗାରେ ଫଏଲି କରିଥିଲା ଇ କଟା। ହେଲେ ଏହେଦେ କଟାର ବଡ଼ଭାଗି ଜାଗା ଜବରଦଖଲରେ ରହିଥିଲାବେଲେ ୧ ଏକର ମଝି ଜାଗାରେ ପାଏନ୍ ରହିଛେ। ଯେନ୍‌ଥିରଲାଗି ଅଂଚଲର ଚାଷୀ ଜଲସେଚନ ସୁବିଧାରୁ ବଁଚିତ ହେଉଛନ୍। ଆଗ୍‌ରୁ ଅଂଚଲର ଚାଷୀ ଇ କଟାର ପାଏନ୍ ଉପରେ ନିରଭର କରୁଥିଲେ। ହେଲେ ଜବରଦଖଲ ସଂଗେ ଦେଖଭାଲ ଅଭାବୁ କଟା ଦିନୁଦିନ୍‌କେ ତୁପିହେଇ ଯାଉଛେ। ଯେନ୍‌ଥିରଲାଗି ଆଘର ଲେଖେଁ କଟାରେ ପାଏନ୍ ବି ନାଇଁ ରହିବାର। ଜିଲା ପରଶାସନ ଇ କଟାର ପୁନଃରୁଧାର କଲେ ଅଣଜଲସେଚିତ ଅଂଚଲର ପାଖାପାଖି ୨ଶହ ଏକର ଜମିରେ ଦୁଇଫସଲି ଚାଷ୍ ହେଇପାରତା ବଲି ଚାଷୀ ବୃନ୍ଦାବନ ପଣ୍ଡା କହିଛନ୍। ସେନ୍‌ତା ଇଥିରେ ଶତାଧିକ ଚାଷୀ ଉପକାର ପାଏବାର ସଂଗେ ଖରାଦିନେ ଅଂଚଲବାସୀ ଗଧାବୁଡ଼ା କରବାର ଲାଗି ପାଏନ୍ ଟିକେ ପାଏତେ ବଲି ସେ କହିଛନ୍। ଦେଶଭଟିଲିର ବଡ଼କଟା ଲେଖେଁ ପଁଚେତ୍‌ର ଲନ୍ଦୁ ବଁଧ୍, ଦେଶପଥର୍ଲା ବଁଧ୍, ଉଦେପୁର ଗାଁର ମୁଣ୍ଡା ବଁଧ୍, ଲଖରା ବଁଧ୍, ଅତାବିରା ବ୍ଲକ ବୁଗବୁଗା ୧୫୦ ଏକରର ବାବୁରକଟା, ବୁଗବୁଗା ନୂଆଁବଁଧ୍, ଉପର କଟା ଲେଖେଁ ଶହ ଶହ ପୁରନା ବଁଧ୍ ଦେଖ୍‌ଭାଲ ଆର ମରାମତି ଅଭାବୁ ତୁପି ହେବାକେ ବସ୍‌ଲାନ। ଇଥିରଲାଗି ଅଂଚଲବାସୀ ଖରାଦିନେ ବଡ଼ଭାରି ପାଏନ୍ ସମସିଆର ସାମ୍‌ନା କରୁଥିବାର ଦେଖ୍‌ବାକେ ମିଳୁଛେ। ଇ ଦିଗେ ଜିଲା ପରଶାସନ ଦୁରୁଷ୍‌ଟି ଦେଇ ପୁରାତନ ବଁଧ୍‌କଟାର ପୁନଃରୁଧାର ଦିଗେ ପଦକ୍ଷେପ ନେବାକେ ଚାଷୀ ମହଲରେ ଦାବି ହେଉଛେ। ଇ ବାବ୍‌ଦେ ଭେଡ଼େନ ବିଡିଓ ମୂରଲୀଧର ନାୟକ ଆର ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚରାଲାରୁ ଅଂଚଲର ପୁରାତନ ବଁଧ୍‌କଟାର ପୁନଃରୁଧାର ଲାଗି ପଦକ୍ଷେପ ନିଆଯିବା ବଲି ଉଭଏ କହିଥିଲେ।



ଦେଶଭଟିଲିର ବଡ଼କଟାର ଅବସ୍ଥା।

# ବରପାଲି ଶୀତଳଷଷ୍ଠୀ ଯାତ୍ରାର ଶୁଭାରମ୍ଭ

**ବରପାଲି,୩।୬(ଡି.ଏନ.ଏ.)**

ସପ୍ତାହ ବ୍ୟାପୀ ହେବାକୁ ଥିବା ୧୪୨ତମ ଶୀତଳଷଷ୍ଠୀ ଯାତ୍ରା ସୋମବାର ଆରମ୍ଭ ହୋଇଛି। ଏନେଇ ବରପାଲି ସହର ଚଳଚଞ୍ଚଳ ହୋଇପଡିଛି। ସୋମବାର ସକାଳେ ନୃପରାଜ କ୍ଳବଠାରେ ନଟରାଜ ଶିବଙ୍କ ମୂର୍ତ୍ତି ସ୍ଥାପନ ଏବଂ ଆରତି ପ୍ରଦାନ କରାଯାଇଥିଲା। ପରେ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରୁଦ୍ରଯଜ୍ଞର ଶୁଭାରମ୍ଭ ହୋଇ ପୂଜାର୍ଚ୍ଚନା ହୋଇଥିଲା। ସେହିପରି ଅପରାହ୍ନରେ ସ୍ଥାନୀୟ କପିଳେଶ୍ୱର ମନ୍ଦିରରୁ ଶିବପାର୍ବତୀଙ୍କୁ ଏକ ସୁଶୋଭିତ ବିମାନରେ ଶୋଭାଯାତ୍ରାରେ ଗାନ୍ଧୀ ଛକକୁ ଅଣାଯାଇଥିଲା। ସେଠାରେ ଭକ୍ତଙ୍କ ଦ୍ୱାରା ଆରତି ସହ ଭୋଗ ଲାଗି କରାଯାଇଥିଲା। ପରେ ଶିବ ପାର୍ବତୀଙ୍କୁ ଭଣ୍ଡାର ଗୃହ ପୂଜାମଣ୍ଡପରେ ଅବସ୍ଥାନ କରାଯାଇଥିଲା। ଏହି ଅବସରରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ମଙ୍ଗଳବାର ଦ୍ୱିତୀୟ ଦିବସରେ ଯାତ୍ରାର ମୁଖ୍ୟ ଆକର୍ଷଣ ପତରପେଁଡ ଶୋଭାଯାତ୍ରା ବାହାରି କୃଷ୍ଣାପଡ଼ାସ୍ଥିତ ହିମାଦ୍ରିନଗର ଯିବାର କାର୍ଯ୍ୟକ୍ରମ ରହିଛି ।



ଶିବ ପାର୍ବତୀଙ୍କ ପ୍ରତିମା।

## ବୌଦ୍ଧ କଲେଜର ଯୁକ୍ତ ୨ ବିଜ୍ଞାନ ପାସହାର ୮୧ ପ୍ରତିଶତ

**ବୌଦ୍ଧ,୩।୬(ସ୍ୱ.ପ୍ର.)**

ବୌଦ୍ଧ ପଞ୍ଚାୟତ କଲେଜ ଯୁକ୍ତ ୨ ବିଜ୍ଞାନରେ ୮୧ ପ୍ରତିଶତ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ରଙ୍କ କହିବା ମୁତାବକ, ଚଳିତ ବର୍ଷ କଲେଜର ୫୬ଜଣ ଛାତ୍ରୀଛାତ୍ର ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ସୂଚନା ମୁତାବକ, ୬ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାସ କରିଥିବା ବେଳେ ୧୬ଜଣ ଦ୍ୱିତୀୟ ଶ୍ରେଣୀ ଓ ୨୩ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ଆଗାମୀ ଦିନରେ ବୌଦ୍ଧ କଲେଜରେ ଶତ ପ୍ରତିଶତ ସଫଳତା ପାଇଁ ଅଧ୍ୟାପକ ଅଧ୍ୟାପିକାମାନେ ଆଶାବ୍ୟକ୍ତ କରିଛନ୍ତି।

# ଅଦିନିଆ ବର୍ଷା: ତାତିରୁ ମିଳିଲା ନିସ୍ତାର

- ବର୍ଷାରେ ଭିଜିଲା ଧାନ
- ବିକ୍ରି ହୋଇ ନ ପାରି ମଣ୍ଡିରେ ପଡିଛି ଧାନ ବସ୍ତା



ଅତାବିରା ଏସ୍ଏମ୍ସି ମଣ୍ଡିରେ ପଡିରହିଥିବା ଧାନ।

**ଅତାବିରା, ୩।୬ (ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ଗ୍ରାମରେ ସୋମବାର ସକାଳେ କାଳବୈଶାଖୀ ପ୍ରଭାବରେ ଅଦିନିଆଁ ବର୍ଷା ହୋଇଥିଲା। ବର୍ଷା ଯୋଗୁ ଲୋକଙ୍କୁ ସାମାନ୍ୟ ତାତିରୁ ନିସ୍ତାର ମିଳିଛି। ହେଲେ ଚାଷୀଙ୍କ ରବିଧାନ ବର୍ଷାରେ ଭିଜି ଯାଇଛି । ଏହାର ସୁଯୋଗ ନେଇ ମିଲର୍ସ ଓ ଧାନ ବ୍ୟବସାୟୀମାନେ ବିଭିନ୍ନ ଆଳ ଦେଖାଇ ଧାନର କଟନୀ କରୁଥିବା ଦେଖିବାକୁ ମିଳିଛି । ଗାଁଗୁଡିକରେ ମିଲର୍ସଙ୍କ ଏଜେଣ୍ଟ ଭାବେ କାମ କରୁଥିବା ଧାନ ବେପାରୀମାନେ ୭୫ କେଜି ଧାନ ବସ୍ତାକୁ ୯ଶହରୁ ୧ ହଜାରେ ଟଙ୍କାରେ କିଣୁଥିବା ଜଣାପଡିଛି। ଅନ୍ୟପକ୍ଷେ ଚାଷୀମାନେ ଶ୍ରମିକମାନଙ୍କୁ ପ୍ରାପ୍ୟ ଦେବାରେ ବାଧ ହୋଇ ଅଣ୍ଡରରେଟରେ ଧାନ ବିକ୍ରି କରୁଛନ୍ତି। ଚାଷୀ ଏକର ପିଛା ୪୦ରୁ ୫୦ ବସ୍ତା ଧାନ ଅମଳ କରୁଛନ୍ତି। ବର୍ଷା ଯୋଗୁ ବର୍ତ୍ତମାନ ଅତାବିରା ଅଞ୍ଚଳରେ ଖୋଲାଯାଇଥିବା ମଣ୍ଡିରେ ୨ଲକ୍ଷରୁ ଊର୍ଦ୍ଧ୍ୱ ବସ୍ତା ଧାନ ବିକ୍ରି ନ ହୋଇ ପଡିରହିଛି । ଏନେଇ ଆର୍ଏମ୍ସି ସମ୍ପାଦକ ବିଶ୍ୱଜିତ ବାରିକଙ୍କୁ ପଚାରିବାରୁ ମିଲର୍ସମାନଙ୍କୁ ଟାର୍ଗେଟ ଦିଆ ଯାଇ ନ ଥିବାରୁ ଧାନ କିଣାରେ ବିଳମ୍ବ ହେଉଥିବା ପ୍ରକାଶ କରିଥିଲେ।

# ହମ୍ପସ ଦାବିରେ ରାସ୍ତା ଅବରୋଧ





ବରଡ଼ୋଲ ଛକରେ ଲୋକଙ୍କ ରାସ୍ତା ଅବରୋଧ (ବାମ)। ଆନ୍ଦୋଳନକାରୀଙ୍କ ସହିତ ପୋଲିସର ଆଲୋଚନା ।

**ବରଗଡ଼ ଅଫିସ୍,୩।୬**

- ବାରମ୍ବାର ଘଟୁଛି ସଡ଼କ ଦୁର୍ଘଟଣା
- ଦାବି ସତ୍ତ୍ୱେ ନିର୍ମାଣ ହେଉନି ହମ୍ପସ୍
- ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା

ବରଗଡ଼–ଭଟଲି ରାସ୍ତାର ବରଡ଼ୋଲ କେନାଲ ଛକ ଏବଂ ଗ୍ରାମ୍ୟ ରାସ୍ତାରେ ହମ୍ପସ୍ ନିର୍ମାଣ ଦାବି ହୋଇଛି । ଏନେଇ ସୋମବାର ସକାଳ ପ୍ରାୟ ୬ଟାରୁ ବରଡ଼ୋଲ ଗ୍ରାମବାସୀ ସ୍ଥାନୀୟ ଛକରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଖବର ପାଇ ବରଗଡ଼ ଟାଉନ ଥାନା ଆଇଆଇସି ମାନସ ପ୍ରଧାନ, ତହସିଲଦାର ସବ୍ୟସାଚୀ ପଣ୍ଡା, ପିଡବ୍ଲୁଡ଼ି ସହକାରୀ ଯନ୍ତ୍ରୀ ଗଜେନ୍ଦ୍ର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ଦାବି ମୁତାବକ, ଛକରେ ହମ୍ପସ୍ ନିର୍ମାଣ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ପରେ ମଧ୍ୟାହ୍ନ ୧୨ଟା ୧୫ମିନିଟ୍‌ରେ ରାସ୍ତାରୋକୋ ହଟିଥିଲା।

ପ୍ରକାଶ ଯେ, ବରଗଡ଼–ଭଟଲି ରାସ୍ତା ଅମ୍ବାଭୋନା ଦେଇ ପଡ଼ୋଶୀ ଛତିଶଗଡ଼କୁ ସଂଯୋଗ କରିଛି । ଫଳରେ ଏହି ରାସ୍ତା ଦେଇ ନିୟମିତ ଶତାଧିକ ଯାତ୍ରୀବାହୀ ବସ୍, ମାଲବାହୀ ଗାଡ଼ି ଆଦି ଚଳାଚଳ କରୁଛି । ସେହିପରି ବରଡ଼ୋଲ ସିମେଣ୍ଟ ନଗରରେ ସିମେଣ୍ଟ କାରଖାନା, କେନ୍ଦ୍ରୀୟ ବିଦ୍ୟାଳୟ ଆଦି ଅନୁଷ୍ଠାନ ରହିଥିବା ବେଳେ ଏହି ରାସ୍ତା ଦେଇ ସେଠାକୁ ମଧ ଅନେକ ମାଲବାହୀ ଗାଡ଼ି, ସ୍କୁଲବସ୍ ଯାତାୟାତ କରୁଛି। ତେବେ ବରଡ଼ୋଲ ଛକରେ ରହିଥିବା କେନାଲ ବ୍ରିଜଟି ସଂକୁଚିତ ହୋଇଥିବା ଯୋଗୁ ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି ଏବଂ ଏଥିରେ ଲୋକେ ମୃତାହତ ହେଉଛନ୍ତି ।

ଏନେଇ ବରଡ଼ୋଲ ଛକରେ ହମ୍ପସ ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ସ୍ଥାନୀୟ ଗ୍ରାମବାସୀ ଦାବି କରି ଆସୁଛନ୍ତି । ଗତ କିଛିଦିନ ତଳେ ଏକ ଟ୍ରକ ଧକ୍କାରେ ବରଡ଼ୋଲ ଛକ ନିକଟରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା । ସେତେବେଳେ ଘଟଣାସ୍ଥଳକୁ ପୋଲିସ ପହଞ୍ଚି ହମ୍ପସ ନିର୍ମାଣ ନେଇ ପ୍ରତିଶ୍ରୁତି ଦେଇଥିଲା । ହେଲେ ବର୍ତ୍ତମାନ ସୁଦ୍ଧା ହମ୍ପସ୍ ନିର୍ମାଣ ହୋଇପାରି ନାହିଁ । ଅନ୍ୟପକ୍ଷେ ରବିବାର ସନ୍ଧ୍ୟାରେ ଅନ୍ୟ ଏକ ସଡ଼କ ଦୁର୍ଘଟଣା ଘଟିଥିଲା । କେନାଲ ଛକ ବ୍ରିଜ ତଳକୁ ଏକ ଯାତ୍ରୀବାହୀ ବୋଲେରୋ ଖସି ପଡ଼ିଥିଲା। ଫଳରେ ଡ୍ରାଇଭରଙ୍କ ସମେତ ଗାଡିରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଥିଲେ। ଏନେଇ ତୁରନ୍ତ ହମ୍ପସ୍ ନିର୍ମାଣ ଦାବି ନେଇ ସୋମବାର ସକାଳେ ସ୍ଥାନୀୟ ଗ୍ରାମବାସୀ ବରଡ଼ୋଲ ଛକରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ହମ୍ପସ୍ ନିର୍ମାଣ ନେଇ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଫଟୋରେ ଖବର







୩ ଦଫା ଦାବି ନେଇ ବରଗଡ଼ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ଆଞ୍ଚଳିକ କୃଷକ ମହାସଂଘ ଏବଂ କୃଷକମାନଙ୍କ ପକ୍ଷରୁ ଜାମସେଠ ସେବା ସମିତି ସମ୍ମୁଖରେ ସୋମବାର ଧାରଣା ଦିଆଯାଇଛି (ବାମ)। ବରଗଡ଼ ଜିଲା ପାଇକମାଲ ଅଞ୍ଚଳର ସୋମବାର ମହିଳାମାନେ ସାବିତ୍ରୀ ବ୍ରତ ପାଳନ ଅବସରରେ ପୂଜାର୍ଚ୍ଚନା କରୁଛନ୍ତି (ମଝି)। ବୌଦ୍ଧ ଜିଲା ମନମୁଣ୍ଡାରେ ସାବିତ୍ରୀ ବ୍ରତ ପାଳନ ଅବସରରେ ମହିଳାମାନେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରୁଛନ୍ତି।



ସହାନୁଭୂତିପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ। - ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

# ଧିମେଇ ଚାଲିଛି ଧାନ କିଣା

**ସୁବର୍ଣ୍ଣପୁର ଜିଲା**

- ଲକ୍ଷ୍ୟ ୨୭, ସଂଗ୍ରହ ୮.୯୩ଲକ୍ଷ କୁଇଣ୍ଟାଲ
- କେଁଟରିଆପାଲି, ମୁର୍ଷୁଣ୍ଡି ପ୍ୟାକ୍ସରେ ଧାନ କ୍ରୟ ଆରମ୍ଭ ହୋଇନି
- ୫ କିଲୋ ପର୍ଯ୍ୟନ୍ତ ଧାନ କଟନି ଛଟନି
- ଚାଷୀଙ୍କ ଧାନ ରଖିବାକୁ ସୁରକ୍ଷିତ ବ୍ୟବସ୍ଥା ନାହିଁ

**ସୋନପୁର,୩ା୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ରବି ଧାନ କିଣା ଧିମେଇ ଚାଲିଛି। ମେ ୧୫ ତାରିଖରୁ ଆରମ୍ଭ ହୋଇଥିବା ଧାନ କିଣା ଜୁନ୍ ୨ ସୁଦ୍ଧା ମାତ୍ର ୮ ଲକ୍ଷ ୯୩ ହଜାର ୮୩୭ କୁଇଣ୍ଟାଲରେ ପହଞ୍ଚିଛି। ଜିଲାର ୬ଟି ବ୍ଲକ ଓ ବିନିକି ଏନଏସିର ମୋଟ ୯ ହଜାର ୮୪୬ ଜଣ ଚାଷୀ ଧାନ ବିକ୍ରି କରିଥିବା ସରକାରୀ ତଥ୍ୟରୁ ଜଣାପଡିଛି । ଆସନ୍ତା ୬ ତାରିଖରେ ମୌସୁମୀ କେରଳ ଛୁଇଁବ। ଏହାର ପ୍ରଭାବରେ ଆସନ୍ତା ୩ ରୁ ୪ ଦିନ ଓଡିଶାରେ ପ୍ରାକ୍ ମୌସୁମୀ ବର୍ଷା ହେବ । ପରେ ମୌସୁମୀ ଅଧିକ ସକ୍ରିୟ ହେବାର ସମ୍ଭାବନା ରହିଛି। ତେଣୁ ବର୍ଷା ଯୋଗୁଁ ସୁବର୍ଣ୍ଣପୁର ଜିଲାର ଚାଷୀ ଅସୁବିଧାର ସମ୍ମୁଖିନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ବିନିକା ଓ ଡୁଙ୍ଗୁରିପାଲି ବ୍ଲକରେ ଧାନ ବେପାରୀ ଓ ମିଲର୍ସ ଲାଭବାନ ହେବେ।

ଚଳିତ ରବି ଋତୁରେ ସରକାର ଏହି ଜିଲାରୁ ୨୭ ଲକ୍ଷ କୁଇଣ୍ଟାଲ୍ ଧାନ କିଣିବାକୁ ଲକ୍ଷ୍ୟ ରଖିଛନ୍ତି। ଆଗୁଆ ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ଧାନ କିଣା ସାରିବାକୁ ଜିଲାସ୍ତରୀୟ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ୪୮ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଜରିଆରେ ଚାଷୀଙ୍କଠାରୁ ବଳକା ଧାନ ଯୋଗାଣ ବିଭାଗ କିଣିବ। ସପ୍ତାହକ ୬ ଦିନ ଧାନ କିଣିବା ପାଇଁ ବ୍ୟବସ୍ଥା ହୋଇଛି। ସମସ୍ତ ପ୍ୟାକ୍ସକୁ ଧାନ କିଣିବା ପାଇଁ ଟାର୍ଗେଟ୍ ଦିଆଯାଇଛି। କିନ୍ତୁ ବୀରମହାରାଜପୁର ବ୍ଲକର କେଁଟରିଆପାଲି ଓ ମୁର୍ଷୁଣ୍ଡି ପ୍ୟାକ୍ସ ଏ ପର୍ଯ୍ୟନ୍ତ ଧାନ କ୍ରୟ ଆରମ୍ଭ କରିନାହାନ୍ତି। ଅନ୍ୟପକ୍ଷେ ଜିଲାରେ ମିଲ ମାଲିକ, ସମବାୟ ସଂସ୍ଥା ଓ ଆରଏମସିର ଅସାଧୁ ମେଣ୍ଟ ହୋଇଥିବା ଦେଖିବାକୁ ମିଳୁଛି। ମିଲ ମାଲିକମାନେ ପୂର୍ବରୁ ଧାନ କିଣି ନେଇଛନ୍ତି । ମଣ୍ଡିଗୁଡିକ କେବଳ ଧର୍ମକୁ ଆଖିଠାର ଭଳି ଖୋଲାଯାଇଛି। ଚାଷୀଙ୍କ ଧାନ ରଖିବାକୁ କୌଣସି ସୁରକ୍ଷିତ ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷେ ୫ କିଲୋ ପର୍ଯ୍ୟନ୍ତ ଚାଷୀଙ୍କ ଧାନ କଟନି ଛଟନି ହେଉଛି। ମଣ୍ଡିରେ ତାରପୋଲିନ, ପଲିଥିନ, ଥଣ୍ଡା ପାନୀୟ ଜଳ, ଆଲୋକ ବ୍ୟବସ୍ଥା ଏବଂ ଓଆରଏସ ଗଚ୍ଛିତ ନଥିବା ଚାଷୀ ଅଭିଯୋଗ କରିଛନ୍ତି । ତେଣୁ ଚାଷୀଙ୍କ ଧାନ ମଣ୍ଡିକୁ ନୁହେଁ ବରଂ ରାଇସ୍ ମିଲକୁ ସିଧାସଳଖ ଯାଉଛି। ଆରଏମସି କେବଳ କମିଶନି ପାଉଛି। ମିଲର ଏଜେଣ୍ଟ ନାଁରେ ଦଲାଲ ସକ୍ରିୟ ହୋଇ ପଡିଛନ୍ତି। ନିୟମ ଅନୁଯାୟୀ ସରକାରଙ୍କ ଧାନ ସଂଗ୍ରହ ପ୍ରକ୍ରିୟାରେ ମିଲର ଏଜେଣ୍ଟର ଆବଶ୍ୟକତା ନାହିଁ। ମାତ୍ର ଏଠାରେ ଏଜେଣ୍ଟ ନିଯୁକ୍ତି ବର୍ଷ ବର୍ଷ ଧରି ଚାଲି ଆସିଛି। ଏହାର ସୁଯୋଗ ନେଇ ମୁନାଫାଖୋର ବ୍ୟବସାୟୀମାନେ ଅଣ୍ଡରରେଟ୍‌ରେ ଧାନ କିଣିବାର ସୁଯୋଗ ପାଉଛନ୍ତି। ଅଣ୍ଡରରେଟ୍‌ରେ କିଣା ଯାଇଥିବା ଧାନକୁ ସିଧାସଳଖ ବିଭିନ୍ନ ରାଇସ୍ ମିଲ୍‌କୁ ପଠାଯାଉଛି। ସୋନପୁର, ତରଭା ଓ ଉଲୁଣ୍ଡାର ଚାଷୀ ଅଧିକ କ୍ଷତି ସହୁଛନ୍ତି। ପି-ପାସ ସିଷ୍ଟମରେ ଧାନ କ୍ରୟ ହେଉଛି। ସିଧାସଳଖ ଚାଷୀଙ୍କ ଆକାଉଣ୍ଟରେ ଅନଲାଇନ ପେମେଣ୍ଟ ହେଉଛି। ମାତ୍ର ଚାଷୀ ବ୍ୟାଙ୍କରୁ ଟଙ୍କା ଉଠାଇବାରେ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି। ଜିଲାର ୪୦ଟି ମିଲର୍ସ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ସରକାର ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୭୫୦ଟଙ୍କା ଧାର୍ଯ୍ୟ କରିଥିବା ବେଳେ ମିଲର୍ସ ମାନେ ଧାନର ମାନ ଠିକ୍ ନ ଥିବା କହି କଟନି ଛଟନି କରୁଛନ୍ତି। ଚାଷୀ କ୍ଷତି ସହୁଛନ୍ତି। ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଏବେ ମଣ୍ଡିକୁ ଧାନ ଅଧିକ ପରିମାଣରେ ଆସୁଛି। ଜୁନ୍ ୩୦ ତାରିଖ ସୁଦ୍ଧା ଚାଷୀଙ୍କ ସମସ୍ତ ବଳକା ଧାନ କିଣାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକରା କହିଛନ୍ତି ।

**ଆସୁଛି ମୌସୁମୀ**

## ସଂକ୍ଷେପରେ



### ଡାକ୍ତର ହେବାକୁ ଆୟୁଷଙ୍କ ଲକ୍ଷ୍ୟ

**ବରଗଡ଼ ଅଫିସ୍,୩ା୬:** ସୋମବାର ପ୍ରକାଶିତ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳରେ ୯୨ପ୍ରତିଶତ ମାର୍କ ରଖି ବରଗଡ଼ ଜିଲାର ଟେକ ରଖିଛନ୍ତି ଗାଇସିଲେଟ ବ୍ଲକ କୁଣ୍ଡାଖାଇ ଗ୍ରାମର ନାରାୟଣ ବିଶ୍ୱାଳ ଓ ବାସନ୍ତୀଙ୍କ ପୁଅ ଆୟୁଷ । ଭୁବନେଶ୍ୱରସ୍ଥିତ ଆଦ୍ୟାନ୍ତ ଯୁକ୍ତଦୁଇ ବିଜ୍ଞାନ କଲେଜରେ ପଢୁଥିବା ଆୟୁଷ ଭବିଷ୍ୟତରେ ଜଣେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି । ସେ ୨୦୧୭ ମାଟ୍ରିକ ପରୀକ୍ଷାରେ ୯୪ ପ୍ରତିଶତ ମାର୍କ ରଖି ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିଲେ । ଏହା ସହିତ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇଥିବା ବେଳେ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅଜା ମକ୍ତା ଏବଂ ଆଈ ସୁବଳଯ୍ୟାଙ୍କ ସ୍ନେହ ସମେତ କଲେଜ ଅଧକ୍ଷ, ଅଧାପିକା, ଅଧାପକଙ୍କ ଶିକ୍ଷାଦାନ, କଲେଜର ପଠନ ଶୈଳୀ ଏବଂ ମା, ବାପାଙ୍କ ଉତ୍ସାହକୁ ଆୟୁଷ ତାଙ୍କ ସଫଳତାର ଶ୍ରେୟ ଦେଇଛନ୍ତି। ଆୟୁଷଙ୍କ ବାପା ନାରାୟଣ ବରଗଡ଼ ଟାଉନ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି।

### ଲଗାଣ ବର୍ଷା ଆଶଙ୍କାରେ ଚାଷୀ

**ଭେଡ଼େନ,୩ା୬(ଡ଼ି.ଏନ.ଏ.):** ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଞ୍ଚଳରେ ରବିବାର ସନ୍ଧ୍ୟାରୁ ସୋମବାର ପର୍ଯ୍ୟନ୍ତ ହୋଇଥିବା ଲଗାଣ ବର୍ଷାରେ ଚାଷୀ ସମାଜ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବା ବେଳେ ହଜାର ହଜାର ବସ୍ତା ଧାନ ଖଳା ତଥା ମାର୍କେଟ ୟାର୍ଡ଼ରେ ଖୋଲାରେ ପଡିରହିଛି। ହୋଇଥିବା ଲାଗାଣ ବର୍ଷାରେ ଧାନ ବସ୍ତା ଭିଜି ଯାଇଛି। ଅନ୍ୟପକ୍ଷେ ଧାନ ଉଠାଣ ଧିମାରେ ଚାଲିଥିବା ବେଳେ ଧାନରେ ଅଧିକ ଆଦ୍ରତାଥିବା ଦର୍ଶାଇ କଟନିଛଟନି କରାଯାଉଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି।

### ଭୀମଭୋଇ ସାମର୍ଥ୍ୟ ଶିବିର

**ବରଗଡ଼ ଅଫିସ୍,୩ା୬:** ବରଗଡ଼ସ୍ଥିତ ସ୍ୱତନ୍ତ୍ର ବିଦ୍ୟାଳୟ(ଶାରୀରିକ ଅକ୍ଷମ ସ୍କୁଲ) ପରିସରରେ ସୋମବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଯୋଗ ଦେଇଥିଲେ । ଶିବିରରେ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରାଯିବା ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିବିରରେ ଶତାଧିକ ଦିବ୍ୟାଙ୍ଗ ଯୋଗ ଦେଇଥିବା ବେଳେ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବୀରମହାରାଜପୁରରେ ପ୍ରଥମ ଶୀତଳ ଷଷ୍ଠୀ ଯାତ୍ରା
# ଗୋଧନେଶ୍ୱର ମନ୍ଦିର କମିଟି ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ

**ବୀରମହାରାଜପୁର, ୩ା୬ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଏବର୍ଷ ପ୍ରଥମ କରି ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏଠାକାର ମହାନଦୀ ତଟବର୍ତ୍ତୀ ପ୍ରସିଦ୍ଧ ଶୈବପୀଠ ବାବା ଗୋଧନେଶ୍ୱର ମନ୍ଦିର ପରିଚାଳନା କମିଟି ତରଫରୁ ଏଭଳି ନିଷ୍ପତ୍ତି ହୋଇଛି। ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ରଥଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଛି। ପାଳିତ ହେବାକୁ ଥିବା ପ୍ରଥମ ଶୀତଳଷଷ୍ଠୀ ଯାତ୍ରା ପାଇଁ ଗୋବିନ୍ଦପୁର ଗ୍ରାମର ମୀନାକ୍ଷୀ ହୋତା ଓ ତାଙ୍କ ସ୍ୱାମୀ ଅଶୋକ କୁମାର ପୁରୋହିତ କନ୍ୟା ମାତାପିତା ଭାବେ ମନୋନୀତ ହୋଇଛନ୍ତି। ସେହିପରି ବାଗମାରି ଗ୍ରାମର ସୁନିତା ମିଶ୍ର ଓ ସ୍ୱାମୀ ସନ୍ତୋଷ କୁମାର ମିଶ୍ର ବରପିତା ଭାବେ କାର୍ଯ୍ୟନିର୍ବାହ କରିବେ ବୋଲି ଜଣାଯାଇଛି। ଶିବପାର୍ବତୀଙ୍କ ବିବାହ ଉତ୍ସବ ସକାଶେ ଆସନ୍ତା ୭ ତାରିଖ ସକାଳ ୮ଟାରେ ଗଣଶନ ଅନୁଷ୍ଠିତ ହେବ ଏବଂ ସନ୍ଧ୍ୟାରେ ଗୋଧେନେଶ୍ୱର ମନ୍ଦିରରୁ ଏକ ଭବ୍ୟ ବିବାହ ଶୋଭାଯାତ୍ରା ଗୋବିନ୍ଦପୁର ଅଭିମୁଖେ ବାହାରିବ। ସେଠାରେ ଲୋକାଚାର ମତେ ଶିବପାର୍ବତୀଙ୍କ ବିବାହ ସମ୍ପନ୍ନ କରାଯିବ ବୋଲି ସୂଚନା ମିଳିଛି। ପରଦିନ ଅର୍ଥାତ୍ ୮ ତାରିଖ ବାବା ଗୋଧନେଶ୍ୱର ଓ ମାତା ପାର୍ବତୀ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବ ଉପଲକ୍ଷେ ମଧ୍ୟାହ୍ନରେ କନ୍ୟା ତଥା ବରପକ୍ଷ ତରଫରୁ ସାମୂହିକ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି। ଏତଦ୍‌ବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବାର ସୂଚନା ମିଳିଛି। ପ୍ରଥମ କରି ଏଠାରେ ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବର ଆୟୋଜନ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଛି।

# ସରସ୍ୱତୀ ଶିଶୁ ମନ୍ଦିରରେ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୩ା୬**

ବଲାଙ୍ଗୀର କଦମପଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡ ପାଇଥିବା କୃତୀ ଛାତ୍ରୀଛାତ୍ରମାନଙ୍କ ପାଇଁ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶଶୀଭୂଷଣ ପୁରୋହିତ ଏଥିରେ ଅଧକ୍ଷତା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସନାତନ ଠାକୁର, ଝଟକାନ୍ତି ପଟେଲ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ସୁରେନ୍ଦ୍ର ତ୍ରିପାଠୀ, ପୂର୍ବତନ ସମ୍ପାଦକ ଚିତ୍ତରଞ୍ଜନ ପଟେଲ, ପରିଚାଳନା କମିଟି ସଭ୍ୟ ଧୀରେନ୍ଦ୍ର କୁମାର ଧରୁଆ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଚଳିତ ମ୍ୟାଟ୍ରିକ୍ ପରୀକ୍ଷାରେ ଜିଲାରୁ ୧୪ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ ପାଇଥିବାବେଳେ ତନ୍ମଧ୍ୟରୁ ବଲାଙ୍ଗୀର କଦମପଡା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ୭ ଜଣ ଛାତ୍ରୀଛାତ୍ର ପ୍ରଜ୍ଞା ପ୍ରତ୍ୟାଶା ମିଶ୍ର, ସାଗରିକା ଦାଶ, ସଂଶିତ ସୁନା, ଇତିଶ୍ରୀ ସାହୁ, ରାଜ ପ୍ରଧାନ, ପ୍ରଜ୍ଞିତ ରାୟଗୁରୁ ଓ ପ୍ରିୟଙ୍କା ପୃଷ୍ଟେଠ ପ୍ରମୁଖ ଏ-୧ଗ୍ରେଡ୍ ହାସଲ କରିଛନ୍ତି। ଆଜିର କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ପରିଚାଳନା କରିଥିଲେ । ସମ୍ପାଦକ ସୁରେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ଅଭିଭାବକ, ଅଭିଭାବିକା ଉପସ୍ଥିତ ଥିଲେ ।



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମରେ ଉପସ୍ଥିତ କୃତୀ ଛାତ୍ରୀଛାତ୍ର ।

## ଆନନ୍ଦ ଆଚାର୍ଯ୍ୟ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୩ା୬**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ସୋମବାର ପ୍ରଥମ ଆନନ୍ଦ ଆଚାର୍ଯ୍ୟ ପ୍ରିମିୟର କ୍ରିକେଟ୍ ଲିଗ୍ ଉଦ୍‌ଘାଟିତ ହୋଇଛି । ସଚ୍ଚି ପଣ୍ଡାଙ୍କ ସଂଯୋଜନା ଏବଂ ଦେବଦତ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅତାବିରା ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ବିକାଶ ଗ୍ରୁପର ଅଧ୍ୟକ୍ଷ ଡି.ମୂରଲୀକ୍ରୀଷ୍ଣା, ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲା କ୍ରିକେଟ ଆସୋସିଏଶନର ଶୁଭ୍ରାଂଶୁ ଶେଖର ମହାପାତ୍ର, ରବି ପଣ୍ଡା, ହରିହର ପ୍ରଧାନ, ପ୍ରଦୀପ ନନ୍ଦ, ଗୁରୁଦତ୍ତ ଦାଶ, ଚନ୍ଦ୍ରଶେଖର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶେଖ ଶବଦର, ପ୍ରତାପ ଦାଶ, ୱାସିମ ରାଜା, ସଂକଳ୍ପ ରାଉତ, ଅଙ୍କିତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଉଦ୍‌ଘାଟନୀ ଦିବସରେ ବରଗଡ଼ ସ୍ୱାର୍ଟାନ୍ସ ଓ ବରଗଡ଼ ରୋୟଲ ଟାଇଗର ମଧ୍ୟରେ ମ୍ୟାଚ ହୋଇଥିଲା । ମ୍ୟାଚକୁ ପୃଥ୍ୱୀରାଜ ମିଶ୍ର, ଅମିୟ ଭୂଷଣ ସାହୁ ପରିଚାଳନା କରିଥିଲେ । ସୁରେଶ ଦାଶ ତୃତୀୟ ଅମ୍ପାୟାର ଏବଂ ଉଇଲସନ ସିଂ ମ୍ୟାଚ ରେଫେରୀ ଦାୟିତ୍ୱ ନିର୍ବାହ କରିଥିଲେ। ରଜତ ଦାଶ ସ୍କୋରର, ମନୋଜ ଦାଶ ଓ ଶୁଭମ ଦାଶ ଉଦ୍‌ଘୋଷକ ଭାବେ ରହିଥିଲେ । ମଙ୍ଗଳବାର ପ୍ରଥମ ମ୍ୟାଚ ପପଙ୍ଗା ବୀର ଓ ସୁରେନ୍ଦ୍ର ବୀର ଏବଂ ଦ୍ୱିତୀୟ ମ୍ୟାଚ ଶକ୍ତି ୱାରିୟର ଓ ବରଗଡ଼ ରୋୟଲ ଟାଇଗର ୦ମଧ୍ୟରେ ହେବାର କାର୍ଯ୍ୟକ୍ରମ ରହିଛି ।

**ଫଟୋରେ ଖବର**



ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବୁଢ଼ୀବାହାଲ ଗ୍ରାମରେ ମହିଳାମାନେ ସାବିତ୍ରୀବ୍ରତ ପାଳନ କରୁଛନ୍ତି।

## କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟ
# ପ୍ଲେଅଫ୍‌ରେ ପହଞ୍ଚିଲା କୋଟସମଲାଇ

**ଅମରପାଲି, ୩ା୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇଠାରେ ଚାଲିଥିବା ଅଷ୍ଟମ କୋଟସମଲାଇ ପ୍ରିମିୟର ଲିଗ କ୍ରିକେଟର ଅଷ୍ଟମ ଦିବସରେ ନୂଆଁଗନିଆକୁ ହରାଇ କୋଟସମଲାଇ ପ୍ଲେଅଫ୍‌ରେ ପ୍ରବେଶ କରିଛି। ନୂଆଁଗନିଆ ଟସ୍ ଜିଣି କୋଟସମଲାଇକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। କୋଟସମଲାଇ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୭୩ ରନ କରିଥିଲା। ଦଳର ନିତ୍ୟାନନ୍ଦ ୪୩ ରନ ଓ ସୋମନାଥ ୧୪ ରନ କରିଥିଲେ। ବିପକ୍ଷ ବନମାଳୀ ୨ଟି ଓ କାର୍ତ୍ତିକ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ନୂଆଁଗନିଆ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୩୭ ରନ କରି ପରାସ୍ତ ହୋଇଥିଲା। ଦଳର ଦୟା ୧୨ ରନ କରିଥିବା ବେଳେ ବିପକ୍ଷ ପରମାନନ୍ଦ ଓ ଅନୀଲ ୩ଟି ଲେଖାଏଁ ଉଇକେଟ ନେଇଥିଲେ। କୋଟସମଲାଇର ନିତ୍ୟାନନ୍ଦଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳଟିକୁ ବିଶ୍ୱନାଥ ବାରିକ ଓ ଗୋକୁଳାନନ୍ଦ ପଧାନ ପରିଚାଳନା କରିଥିବା ବେଳେ ନେହେରୁ ସେଠୀ ସ୍କୋରିଂ ଏବଂ ଘୁଣ୍ଡୁଗୋପାଳ ପୁରୋହିତ ଓ ଦେବହରି ଦେହେରୀ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ଯୁକ୍ତ୨ ବିଜ୍ଞାନରେ ବିକାଶର ସଫଳତା

**ବରଗଡ଼ ଅଫିସ୍,୩ା୬**

ଯୁକ୍ତ୨ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବିଜ୍ଞାନ ପରୀକ୍ଷାରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ର ଚିନ୍ମୟ କୁମାର ଶିଆଳ ୫୨୮ ମାର୍କ ପାଇ କଲେଜ ଟପ୍ପର ହୋଇଛନ୍ତି । ୯ଜଣ ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖି ମହାବିଦ୍ୟାଳୟକୁ ପଶ୍ଚିମଓଡ଼ିଶାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପ୍ରତିଷ୍ଠିତ କରି ପାରିଛନ୍ତି । ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ୨୪ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବରଗଡ଼ ଶାଖାର ୧୬ଜଣ ଓ ସମ୍ବଲପୁର ଶାଖାର ୮ଜଣ ଅଛନ୍ତି । ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ୧୮୨ଜଣଙ୍କ ମଧ୍ୟରୁ ବରଗଡ଼ ଶାଖାର ୧୧୯, ସମ୍ବଲପୁର ଶାଖାର ୬୩ଜଣ ଅଛନ୍ତି । ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ପ୍ରଶ୍ମିତା ପ୍ରଜ୍ଞା ଭୋଇ ୫୨୨, ପ୍ରବୀଣ ମହାପାତ୍ର ୫୧୮, ପ୍ରୀତି ସେବକ ୫୧୩, ସୁରଜ ପାଣିଗ୍ରାହୀ ୫୦୮, ଶ୍ରୀକାନ୍ତ ବିର୍ତ୍ତିଆ ୫୦୧ ମାର୍କ ରଖି ସଫଳତା ତାଲିକାର ଶୀର୍ଷରେ ରହିଛନ୍ତି ।

## ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ
# ସୁବର୍ଣ୍ଣପୁର ଜିଲାରେ ପାସ୍ ହାର ୭୭.୮୪%

**ସୋନପୁର,୩ା୬(ନି.ପ୍ର.)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଜିଲାରେ ପାସ୍ ହାର ୭୭.୮୪% ରହିଛି । ଜିଲାର ୯ଟି କଲେଜର ୬୬୪ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୬୩୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୪୯୨ ଜଣ କୃତକାର୍ଯ୍ୟ ହୋଇଛନ୍ତି । ୫ ଜଣ ପରୀକ୍ଷାର୍ଥୀ କପି କରି ମାଲ ପ୍ରାକ୍ଟିସ୍‌ରେ ବୁକ୍ ହୋଇଥିବା ଯୋଗୁଁ ସେମାନଙ୍କ ପରୀକ୍ଷା ଫଳ ପ୍ରକାଶିତ ହୋଇନାହିଁ । ପ୍ରକାଶିତ ପରୀକ୍ଷା ଫଳ ଅନୁସାରେ ଚଳିତ ଥର ଜିଲାରେ କେହି ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ନାହାନ୍ତି। ପ୍ରଥମ ଶ୍ରେଣୀରେ ୧୫୨ଜଣ, ଦ୍ୱିତୀୟ ଶ୍ରେଣୀରେ ୧୬୬ଜଣ ଓ ତୃତୀୟ ଶ୍ରେଣୀରେ ୧୬୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଫଳାଫଳ ଅନୁଯାୟୀ ସୋନପୁରର ସୁକାନ୍ତି ଏକାଡେମୀ ଯୁକ୍ତ ୨ ଆବାସିକ ବିଜ୍ଞାନ କଲେଜ ୯୮ ପ୍ରତିଶତ ସଫଳତା ଅର୍ଜନ କରିଛି। ଏହି କଲେଜରେ ଚଳିତ ବର୍ଷ ୧୯୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧୪ ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୫୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୋନପୁର କଲେଜରେ ପ୍ରଥମ ଶ୍ରେଣୀରେ ୧୫ ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୨୦ ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି ।

### ଇଞ୍ଜିନିୟର ହେବେ ଆଶିଷ



ସୋନପୁର ସୁକାନ୍ତି ଏକାଡେମୀ ଯୁକ୍ତ ୨ ଆବାସିକ ବିଜ୍ଞାନ କଲେଜର ଛାତ୍ର ଆଶିଷ ସାହୁ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୮୮.୧୭% ନମ୍ବର ରଖି ସୁବର୍ଣ୍ଣପୁର ଜିଲାରେ ଟପ୍ପର ହୋଇଛନ୍ତି। ମୋଟ ୬୦୦ ନମ୍ବରରୁ ସେ ୫୨୯ ନମ୍ବର ରଖିଛନ୍ତି। କଲେଜ ଛାତ୍ରାବାସରେ ରହି ପାଠ ପଢୁଥିବା ଆଶିଷ ଦୈନିକ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଥିଲେ। ପିଲା ବେଳୁ ସେ ଜଣେ ମେଧାବୀ ଛାତ୍ର। ମାଟ୍ରିକ୍ ପରୀକ୍ଷାରେ ୮୬.୮୩% ନମ୍ବର ରଖିଥିଲେ। ଭବିଷ୍ୟତରେ ଜଣେ ଇଞ୍ଜିନିୟର ହୋଇ ଦେଶ ପାଇଁ କାମ କରିବାକୁ ତାଙ୍କର ଲକ୍ଷ୍ୟ ରହିଛି। ମା' କୁସୁମ ସାହୁ ଜଣେ ଗୃହିଣୀ ହୋଇଥିବା ବେଳେ ବାପା କହ୍ନେଇ ବ୍ୟବସାୟ କରନ୍ତି। ପରିବାରର ଆର୍ଥିକ ସ୍ଥିତି ସେତେଟା ସ୍ୱଚ୍ଛଳ ନୁହଁ। ବିନିକା ବ୍ଲକ ବାଉଁଶୁଣୀ ଗ୍ରାମରେ ତାଙ୍କ ଘର। ଏହି ସଫଳତାର ଶ୍ରେୟ କଲେଜର ଅଧାପିକା, ଅଧାପକ, ମାତା ପାତା ଓ ଗୁରୁଜନଙ୍କୁ ଦେଇଛନ୍ତି । -**ଆଶିଷ ସାହୁ**

## ଉଲୁଣ୍ଡା ବ୍ଲକସ୍ତରୀୟ ସମ୍ବର୍ଦ୍ଧନା ସଭାରେ ପଦ୍ମନାଭଙ୍କ ବକ୍ତବ୍ୟ
# ପାନୀୟ ଜଳ, ଜଳସେଚନକୁ ଗୁରୁତ୍ୱ ଦିଆଯିବ

**ଉଲୁଣ୍ଡା, ୩ା୬(ଡି.ଏନ.ଏ.)**

୨୦୦୯ ସାଧାରଣ ନିର୍ବାଚନଠାରୁ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ଅଧୀନ ଉଲୁଣ୍ଡା ବ୍ଲକର ଜନସାଧାରଣ ମୋ ଉପରେ ବାରମ୍ବାର ଆସ୍ଥା ରଖିଆସିଛନ୍ତି। ଚଳିତ ନିର୍ବାଚନରେ ବିନା ସ୍ୱାର୍ଥ ଓ ଲାଳସାରେ ମୋତେ ଆଶୀର୍ବାଦ ଦେଇ ବିଜୟୀ କରିଛନ୍ତି। ତାଙ୍କର ଏଇ ଭଲ ପାଇବା ଓ ମୋ ଉପରେ ରଖିଥିବା ଭରସାକୁ ମୁଁ ନ୍ୟାୟ ଦେବାକୁ ଚେଷ୍ଟା କରିବି। ବିଶେଷ କରି ଉଲୁଣ୍ଡା ଅଞ୍ଚଳରେ ଥିବା ଜଳସେଚନ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ସମସ୍ୟା ସବୁକୁ ଦୂରୀଭୂତ କରିବା ମୋ ପ୍ରଥମ ଦାୟିତ୍ୱ ହେବ ବୋଲି ବ୍ଲକସ୍ତରୀୟ ସମ୍ବର୍ଦ୍ଧନା ସଭାରେ ନବନିଯୁକ୍ତ କ୍ୟାବିନେଟ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରକାଶ କରିଛନ୍ତି।




ବ୍ଲକସ୍ତରୀୟ ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ପଦ୍ମନାଭ ବେହେରା ବକ୍ତବ୍ୟ ରଖୁଛନ୍ତି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ଗଣ୍ଡାବାହାଲ ଶ୍ରୀକୃଷ୍ଣ ମଣ୍ଡପରେ ସଭାପତି ଝସକେତନ ବଘାରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସମ୍ବର୍ଦ୍ଧନା ସଭାରେ ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ସମେତ ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ଉଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଉଲୁଣ୍ଡା ବ୍ଲକର ଯୁବ ମହାସଂଘ, ଶିକ୍ଷକ ସଂଘ, ବିଜୁ ଯୁବ ବାହିନୀ, ସଂକୀର୍ତ୍ତନ୍ୟ ସଂଘ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ, ପାତାଳି ଶ୍ରୀକ୍ଷେତ୍ର ପରିଚାଳନା କମିଟି, ବ୍ଲକ ଯୁବ ବିଜେଡି ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଦଳର ବରିଷ୍ଠ କର୍ମୀ ହିମାଂଶୁ ଶେଖର ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟମାନେ ସାମିଲ ହୋଇଥିଲେ। ଏହି ଅବସରରେ ଦଳ ତରଫରୁ ଉଲୁଣ୍ଡା ବସ୍ତିରେ ଏକ ବିରାଟ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।



ଯେଉଁମାନଙ୍କ ମନଟି ଛୋଟ, ସେମାନଙ୍କୁ ଛୋଟ କଥାଟିଏ ବି ବଡ଼ ଭଳି ଜଣାପଡ଼େ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ



### ଟ୍ରକ୍ ଧକ୍କାରେ ୨ବାଇକ୍ ଆରୋହୀ ଗୁରୁତର

**ଦେଓଗାଁ,୩।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝର-ଆଟଗାଁ ରାସ୍ତାର ରୁଗୁଡିପାଲି ଛକଠାରେ ସୋମବାର ସନ୍ଧ୍ୟାରେ ଏକ ମିନିଟ୍ରକ ଧକ୍କାରେ ୨ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଉଛନ୍ତି ରୁଗୁଡିପାଲି ଗ୍ରାମର ଅର୍ଜୁନ ମହାକୁଡ ଓ ପ୍ରେମରାଜ ମାହାକୁଡ। ଘଟଣାସ୍ଥଳରେ ଟ୍ରକକୁ ଛାଡି ଡ୍ରାଇଭର ଫେରାର ହୋଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ଦେଖାଦେବାରୁ ତୁଷୁରା ଥାନା ଅଧିକାରୀ ଯଶୋବନ୍ତ ପ୍ରଧାନୀ ଓ ଦେଓଗାଁ ଫାଣ୍ଡି ଏଏସଆଇ ଗୋପିନାଥ ମାହାକୁଡ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନା ଅନୁସାରେ ସୋହେଲା ଅଞ୍ଚଳର ଓଡି୧୫ଜି୭୨୧୧ନଂ ମିନିଟ୍ରକ ବଲାଙ୍ଗୀର ଆଟଗାଁ ପଟରୁ ଆସୁଥିବା ବେଳେ ରୁଗୁଡିପାଲି ପଟରୁ ଆସୁଥିବା (ନଂ. ଓଡି୦୩ବି୫୦୬୧)ବାଇକରେ ଆସୁଥିବା ଆରୋହୀଙ୍କୁ ସାମ୍ନାପଟରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଆହତଙ୍କୁ ଚିକିତ୍ସା ପାଇଁ ବଲାଙ୍ଗୀର ପଠାଯାଇଥିଲା।

### ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶିତ: ଲୋଇସିଂହା କଲେଜ ପାସ ହାର ୭୦ ପ୍ରତିଶତ

**ଲୋଇସିଂହା,୩।୬(ଡି.ଏନ.ଏ.):** ସୋମବାର ଯୁକ୍ତ ଦୁଇ ବିଜ୍ଞାନ ଫଳାଫଳ ପ୍ରକାଶ ପାଇଛି। ବଲାଙ୍ଗୀର ଜିଲା ଲୋଇସିଂହା କଲେଜର ପାସ୍ ହାର ୭୦ପ୍ରତିଶତ ରହିଥିବା କଲେଜ ସୂତ୍ରରୁ ପ୍ରକାଶ। ଏହି କଲେଜରୁ ଚଳିତ ବର୍ଷ ୮୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୫୭ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେଥିରୁ ପ୍ରଥମଶ୍ରେଣୀରେ ୧୧ ଜଣ ଛାତ୍ରୀଛାତ୍ର, ଦ୍ୱିତୀୟ ଶ୍ରେଣୀରେ ୨୩ ଏବଂ ତୃତୀୟ ଶ୍ରେଣୀରେ ମଧ୍ୟ ୨୩ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଛାତ୍ରୀ ଲୋଟସ ମିଶ୍ର କଲେଜରେ ସର୍ବୋଚ୍ଚ ନମ୍ବରଖି ପାସ ହୋଇଛନ୍ତି। ୬୦୦ ମାର୍କରୁ ୪୬୯ ମାର୍କ ( ୭୭ ପ୍ରତିଶତ) ମାର୍କ ରଖିଛନ୍ତି।

### ରାସ୍ତାରେ ଗଛପଡି ଯାତାୟାତ ବାଧାପ୍ରାପ୍ତ

**ଟିକ୍ରାପଡା, ୩।୬(ଡି.ଏନ.ଏ.):** ରବିବାର ରାତିରେ କାଳ ବୈଶାଖି ଫଳରେ ଅନେକ ସମୟ ଧରି ବର୍ଷା ଓ ପବନ ଲାଗି ରହିଥିଲା। ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ କଣ୍ଟାବାଞ୍ଜି ଟିକ୍ରାପଡା ରାସ୍ତାର ସନ୍ଧିବାହାଲି ଓ ଯାମପଦର ମଧରେ ୩ଟି ସ୍ଥାନରେ ରାସ୍ତାକଡରେ ଥିବା ଗଛସବୁ ଭାଙ୍ଗି ପଡିବା ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଗଛକାଟି ରାସ୍ତା ସଫା କରାଯିବା ପରେ ପୂର୍ବାହ୍ନ ନଅଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

### ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବାକୁ ଦାବି

**ଟିକ୍ରାପଡା, ୩।୬(ଡି.ଏନ.ଏ.):** ରବିବାର ସନ୍ଧ୍ୟାରୁ ସଇଁନ୍ତଲା ବ୍ଲକ ଟିକ୍ରାପଡା ଅଞ୍ଚଳରେ ବିଦ୍ୟୁତ୍ ନ ଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁଳୁଗୁଳି ପାଗ ଲାଗି ରହିଥିବାରୁ ପଙ୍ଖା, କୁଲର ଆଦି ଚାଲୁ ନ ଥିବା ଯୋଗୁ ଲୋକଙ୍କ ସମସ୍ୟା ବଢି ଯାଇଛି। ବିଭିନ୍ନ ସରକାରୀ, ବେସକାରୀ ଅନୁଷ୍ଠାନର ନିୟମିତ ସ୍ୱାଭାବିକ କାର୍ଯ୍ୟ ଆଗେଇ ପାରୁ ନାହିଁ। କର୍ତ୍ତୃପକ୍ଷ ଅବିଳମ୍ବେ ପଦକ୍ଷେପ ନେଇ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବାକୁ ଉପଭୋକ୍ତା ମହଲରେ ଦାବି ହେଉଛି।

### ନାମଯଜ୍ଞ ଉଦ୍ଯାପିତ

**ଟିକ୍ରାପଡା, ୩।୬(ଡି.ଏନ.ଏ.):** ମୁରିବାହାଲ ବ୍ଲକ ଇଚ୍ଛାପଡା ପଞ୍ଚାୟତ ଅଧିନ ଅନ୍ତର୍ଲା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ସୋମବାର ସମ୍ପନ୍ନ ହୋଇଯାଇଛି। ଗୁରୁବାରି ଭାଟି, ପୁରୁଷୋତ୍ତମ ଭାଟି, କୁନ୍ତି ଭାଟି, ବିରଞ୍ଚି ଭାଟି କର୍ତ୍ତା ରହିଥିଲେ। ଡିଙ୍ଗରପ୍ରସାଦ ପାଢୀ, ନନ୍ଦକିଶୋର ପାଢୀ, ଜନ୍ମେଜୟ ଖମାରୀ ପୂଜା କାର୍ଯ୍ୟ ତୁଲାଇଥିଲେ। ମୋଟ ୧୪ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ମୀନା ବଜାର ସହ ପ୍ରତି ସନ୍ଧ୍ୟାରେ ଦଣ୍ଡନୃତ୍ୟ, ସଞ୍ଚାର, କଂସ ଦରବାର ପ୍ରଭୃତି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଓଁଙ୍କାର ପାଣିଗ୍ରାହୀ ସ୍ମାରକୀ ବକ୍ତୃତା

# ଶିକ୍ଷା ସାମାଜିକ ବିପର୍ଯ୍ୟୟରୁ ମୁକ୍ତିର ବାଟ

**ବଲାଙ୍ଗୀର ଅଫିସ, ୩।୬**

ଆମ ସମାଜରେ ଅନେକ ବିପର୍ଯ୍ୟୟ ଦେଖିବାକୁ ମିଳୁଛି । ଏହା ଆମ ସାମାଜିକ ଜୀବନକୁ ପ୍ରଭାବିତ କରୁଛି । ତେବେ ଏଥିରୁ ମୁକ୍ତିର ଏକମାତ୍ର ବାଟ ହେଉଛି ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା ଦ୍ୱାରା ବ୍ୟକ୍ତି ଜୀବନକୁ ସଂଗଠିତ କରିବା । ଏହି ଗୁରୁତ୍ୱପୂର୍ଣ୍ଣ କାମଟି ଉପଯୁକ୍ତ ଶିକ୍ଷା ଦ୍ୱାରା ହିଁ ସମ୍ଭବ ହୋଇପାରିବ ବୋଲି ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଓଁଙ୍କାର ପାଣିଗ୍ରାହୀ ସ୍ମାରକୀ ବକ୍ତୃତାରେ ମୁଖ୍ୟଅତିଥି ପ୍ରଫେସର ଡ ମଧୁସୂଦନ ପତି କହିଛନ୍ତି । ଜିଲା ଲେଖକ ପରିଷଦ ତରଫରୁ ସାମ୍ବାଦିକ ଭବନଠାରେ ଆୟୋଜିତ ଏହି ସ୍ମାରକୀ ବକ୍ତୃତାରେ 'ଫୁଟପାଥ୍‌ର ଆଖିରେ ସତ୍ତା ଓ ଶାସିତ' ଶୀର୍ଷକରେ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି




ଓଁଙ୍କାର ପାଣିଗ୍ରାହୀ ସ୍ମାରକୀ ବକ୍ତୃତାରେ ମଞ୍ଚାସୀନ ଅତିଥି ।

ଭାବେ ପ୍ରଫେସର ପତି, ମୁଖ୍ୟବକ୍ତା ଡୁଙ୍ଗୁରିପାଲି ମହାବିଦ୍ୟାଳୟ ଇତିହାସ ବିଭାଗ ଅଧାପକ କିଶୋର ମେହେର ଓ ସଂଯୋଜକ ଡ. ସନ୍ତୋଷ କୁମାର ରଥ ମଞ୍ଚାସୀନ ଥିଲେ । ପ୍ରଥମେ ସ୍ୱର୍ଗତ ଓଁଙ୍କାର ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଅତିଥି ଓ ତାଙ୍କ ପରିବାର ଲୋକେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସ୍ୱାଗତ ବକ୍ତବ୍ୟ ଦେଇଥିଲେ । କିଶୋର କୁମାର ମିଶ୍ର ସ୍ୱର୍ଗତ ଓଁଙ୍କାର ପାଣିଗ୍ରାହୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖି ତାଙ୍କ ସାହିତ୍ୟିକ ଜୀବନ ଓ ସମାଜସେବା କ୍ଷେତ୍ର ଉପରେ କହିଥିଲେ। ଅଳ୍ପ ବୟସରେ ଓଁଙ୍କାର ଆରପାରିକୁ ଚାଲିଯାଇଥିଲେ ମଧ ବଲାଙ୍ଗୀରର ବୌଦ୍ଧିକ ଜୀବନକୁ ସେ କିଭଳି ପ୍ରଭାବିତ କରିଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ମେହେର ତାଙ୍କ ବକ୍ତବ୍ୟରେ ବର୍ତ୍ତମାନ ଗଣତାନ୍ତ୍ରିକ ବ୍ୟବସ୍ଥା କିଭଳି ସଙ୍କଟ ଦେଇ ଗତି କରୁଛି ତାହା ଉପରେ ଆଲୋଚନା କରିଥିଲେ । ବଜାର ଅର୍ଥନୀତି ଓ ବଜାର ସମାଜ ଭିତରେ ରହିଥିବା ତାରତମ୍ୟ ଓ ଏହାଦ୍ୱାରା ଆମ ସାମାଜିକ ଜୀବନରେ କିଭଳି ପ୍ରଭାବ ପଡୁଛି କହିଥିଲେ । ବିଭିନ୍ନ ପ୍ରକାର ସ୍କୁଲ ରହିବା ଦ୍ୱାରା ଆମେ ସମାଜ ଭିତରେ କିଭଳି ଭିନ୍ନ ପ୍ରକାରର ଛାତ୍ର ଓ ବିଶେଷକରି ମଣିଷ ତିଆରି ସମାଜକୁ ବିଭାଜିତ କରୁଛୁ କହିଥିଲେ । ଘରୋଇ ସ୍କୁଲର ତଥାକଥିତ ଆଭିଜାତ୍ୟ ଶ୍ରେଣୀର ଛାତ୍ରୀଛାତ୍ର ଓ ସରକାରୀ ସ୍କୁଲର ବଞ୍ଚିତ ଗରିବ ଶ୍ରେଣୀର ସ୍କୁଲ ଛାତ୍ରୀଛାତ୍ରଙ୍କ ମଧରେ ସମନ୍ୱୟ ଓ ମିଳାମିଶା ଉଦ୍ୟମ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହା ନହେଲେ ସାମାଜିକ ତାରତମ୍ୟ ଆଗକୁ ଆହୁରି ବଢ଼ିବ ବୋଲି ସେ ଚେତାବନୀ ଦେଇଥିଲେ । ମୁଖ୍ୟଅତିଥି ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ହିଁ ଆମକୁ ବିପଥଗାମୀ କରୁଛି ବୋଲି କହିଥିଲେ। ବ୍ୟକ୍ତି ନିଜେ ଏକ ଶୁଦ୍ଧପୂତ ଜୀବନ ଜୀଇଁବାକୁ ଚେଷ୍ଟା ନକଲେ ସାମାଜଟି ଆପେ ଶୁଦ୍ଧ ଓ ସଂସ୍କାରିତ ହେବନାହିଁ ବୋଲି ସେ କହିଥିଲେ । ସଭାରେ ନୀଳମାଧବ ପରିଚ୍ଛା କବିତା ପଢ଼ି ସ୍ୱର୍ଗତ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶେଷରେ ପରିଷଦର ପ୍ରତିଷ୍ଠାତା ସମ୍ପାଦକ ସନାତନ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ ବିଶ୍ୱ ଶିଶୁ ଦିବସ ପାଳନ

**ବଲାଙ୍ଗୀର ଅଫିସ, ୩।୬**

ବଲାଙ୍ଗୀର ଟିକ୍ରାପଡା ରାମମନ୍ଦିର ଠାରେ ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ ସୋମବାର ବିଶ୍ୱ ଶିଶୁ ଦିବସ ପାଳନ କରାଯାଇଥିଲା। ଶିକ୍ଷାବିତ୍ ସତ୍ୟବନ୍ତ ବେଦବାକ୍ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଶିଶୁର ଆଧାତ୍ମିକତା ଉପରେ କହିଥିଲେ । ଡା.ଅଶୋକ କୁମାର ସେଠୀ ଶିଶୁର ସ୍ୱାସ୍ଥ୍ୟ ସମ୍ପର୍କରେ କହିଥିଲେ । ସାମାଜିକ କର୍ମୀ ଅରୁଣ କୁମାର ଖୁଆସ ଶିଶୁ ସୁରକ୍ଷା ଓ ସଚେତନତା ଉପରେ ଆଲୋଚନା କରିଥିଲେ । ସଭାକୁ କସ୍ତୁରୀ ରଥ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ପ୍ରଶାନ୍ତ ଷଡଙ୍ଗୀ, ଦୁର୍ଗା ସାହୁ, ମାନସ ବର୍ଗଡ଼ି, ରବି ହାତୀ, ପ୍ରଦୀପ ପଶାୟତ, ଧ୍ରୁବ ଚରଣ ସାହୁ, ଧୀରେନ୍ଦ୍ର ନାରାୟଣ ସିଂଦେଓ ଏବଂ ଋନ୍ମୟ ତ୍ରିପାଠୀ, ଜୟରାମ ମିଶ୍ର, ନୀଳମଣି ମିଶ୍ର, ହୃଷୀକେଶ ପୁରୋହିତ, ଅଚ୍ୟୁତାନନ୍ଦ ଉଦ୍‌ଗାତା, ରଘୁନାଥ ମିଶ୍ର, କପିଳ ପତି, ବଳିଷ୍ଠ ପଧାନ, ମାଳତୀ ଉଦ୍‌ଗାତା ଉପସ୍ଥିତ ଥିଲେ।

# ସ୍ତ୍ରୀଙ୍କୁ ଛୁରି ଭୁସି ହତ୍ୟା

**ଲାଠୋର, ୩।୬(ଡି.ଏନ.ଏ.)**

**ଅଭିଯୁକ୍ତ ସ୍ୱାମୀ ଗିରଫ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ତଲିପଡାର ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ ଛୁରିରେ ଭୁସି ହତ୍ୟା କରିବା ଅଭିଯୋଗରେ ସୋମବାର ଗିରଫ ହୋଇଛନ୍ତି। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯିବ। ଅଭିଯୁକ୍ତ ସ୍ୱାମୀ ଜଣକ ହେଲେ ନେତ୍ରାନନ୍ଦ ନାଗ। ଏ ନେଇ ଲାଠୋର ଥାନାରେ ଦଫା ୪୯୮(ଏ) ଏବଂ ୩୦୨ରେ ଏକ ମାମଲା(ନଂ.୪୯/୧୯) ରୁଜୁ ହୋଇଥିବା ଲାଠୋର ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ପ୍ରକାଶ କରିଛନ୍ତି।

ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ସଙ୍ଗୀତା ପାତ୍ର। ମୃତାଙ୍କ ବାପା ବେଲପଡା ଥାନା ଅଧିନ ଆମପଡା ଗ୍ରାମର ଭଗବାନ ଭୋଇଙ୍କ ଅଭିଯୋଗ ଅନୁସାରେ ୨୦୦୭ମସିହାରେ ତାଙ୍କ ଝିଅ ଲାଠୋର ତଲିପଡାର ନେତ୍ରାନନ୍ଦ ନାଗଙ୍କୁ ପ୍ରେମ ବିବାହ କରିଥିଲେ। ଏବେ ତାଙ୍କର ୩ଟି ସନ୍ତାନ ଅଛନ୍ତି। ନେତ୍ରାନନ୍ଦ ନିଶାସେବନ କରି ବହୁ ସମୟରେ ସଙ୍ଗୀତାଙ୍କୁ ମାରପଟ କରୁଥିଲେ। ଶେଷରେ ସେ ସଙ୍ଗୀତାଙ୍କୁ ନିଜ ଘରକୁ ନେଇ ଯାଇଥିଲେ। ପରେ ନେତ୍ରାନନ୍ଦ ତାଙ୍କ ଘରକୁ ଯାଇ ଝିଅକୁ ବୁଝାସୁଝା କରି ଲଠୋର ଆଣିଥିଲେ। ତେବେ ଗତ ୩୦ତାରିଖ ସକାଳ ପ୍ରାୟ ୭ଟାରେ ନେତ୍ରାନନ୍ଦ ତାଙ୍କୁ ଛୁରିରେ ଆକ୍ରମଣ କରିଥିବା ନେଇ ସଙ୍ଗୀତା ଭଗବାନଙ୍କୁ ଜଣାଇଥିଲେ। ଖବର ପାଇ ପରିବାର ଲୋକେ ତୁରନ୍ତ ଲାଠୋର ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖପ୍ରାଖୋଲ ଓ ପରେ ପାଟଣାଗଡ ଡାକ୍ତରଖାନା ନିଆଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସଙ୍ଗୀତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ ସମ୍ବଲପୁରର ରାଜଘାଟରେ ଅନ୍ତିମ ସଂସ୍କାର କରିଥିଲେ। ସୋମବାର ସଙ୍ଗୀତାଙ୍କ ବାପା ତାଙ୍କ ଝିଅକୁ ନେତ୍ରାନନ୍ଦ ଛୁରି ଭୁସି ହତ୍ୟା କରିଥିବା ନେଇ ଲିଖିତ ଅଭିଯୋଗ କରିଥିଲେ।

## ଲାଠୋର ଏସବିଆଇରେ ଲିଙ୍କ ଫେଲ, ଗ୍ରାହକ ହଇରାଣ

**ଲାଠୋର, ୩।୬(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋରସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଲିଙ୍କ୍ ଫେଲ ରହୁଥିବାରୁ ଗ୍ରାହକମାନେ ହଇରାଣ ହେଉଛନ୍ତି। ଏହା ଉପରେ ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ଗ୍ରାମର ଗ୍ରାହକ ନିର୍ଭର କରୁଥିବା ବେଳେ ଗତ ମେ ୨୯ତାରିଖଠାରୁ ଲିଙ୍କ ଫେଲ ଯୋଗୁ ଟଙ୍କା ଉଠାଣ ଓ ଜମାରେ ନାନା ସମସ୍ୟା ଉପୁଜୁଛି। ଏନେଇ ଶାଖା ପରିଚାଳକ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ବିଏସଏନଏଲ ନେଟୱର୍କ ଫେଲ ଥିବାରୁ ସମସ୍ୟା ହୋଇଛି। ଯଥାଶୀଘ୍ର ସମାଧାନ ପାଇଁ ଚେଷ୍ଟା କରୁଛୁ ବୋଲି କହିଛନ୍ତି।

## ସାବିତ୍ରୀ ବ୍ରତ ପାଳିତ

**ଟିକ୍ରାପଡା, ୩।୬(ଡି.ଏନ.ଏ.)**

ସଇଁନ୍ତଲା ବ୍ଲକ ଟିକ୍ରାପଡା, ଝିଙ୍କିଡୁଙ୍ଗୁରି, ଜୁରାବନ୍ଧ, କରମତଲା ପଞ୍ଚାୟତ ଅଞ୍ଚଳରେ ସାବିତ୍ରୀ ବ୍ରତ ଅନୁଷ୍ଠିତ ହୋଇଯାଇଛି। ଟିକ୍ରାପଡାଠାରେ ଅକ୍ଷୟ ସୁଆର ପୂଜକ ଦାୟିତ୍ୱ ତୁଲାଇଥିଲେ। ୨୧ ପ୍ରକାରର ଫଳକୁ ସେମାନେ ଲାଗି କରିଥିଲେ। ସ୍ୱାମୀମାନଙ୍କ ଦୀର୍ଘ ଜୀବନ କାମନା କରି ଏହି ପର୍ବକୁ ନିଷ୍ଠାର ସହ ପାଳନ କରାଯାଇଥିଲା।

ସଇଁତଲା ବ୍ଲକରେ କାଳବୈଶାଖୀ

# ଗଛ ପଡ଼ି ଘର ଭାଙ୍ଗିଲା, ୨ଆହତ

**ସଇଁତଲା, ୩।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ଅଞ୍ଚଳରେ ରବିବାର ରାତିରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ଗଛପଡ଼ି ଘର ଭାଙ୍ଗିଥିବା ବେଳେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ରାସ୍ତାରେ ଗଛ ପଡିବା ଯୋଗୁ ଯାତାୟାତ ବନ୍ଦ ହୋଇଯାଇଥିଲା। ରବିବାର ଦିନତମାମ ପ୍ରଚଣ୍ଡ ଖରା ହେବାପରେ ରାତି ପ୍ରାୟ ୯ଟାରେ ପ୍ରବଳ ପବନ ବହିବା ସହ ବର୍ଷା ହୋଇଥିଲା। ସଇଁତଲା ସରକାରୀ ବାଳିକା ଆବାସିକ ବିଦ୍ୟାଳୟ ମଧ୍ୟରେ ଗଛ ପଡ଼ି ଶିକ୍ଷୟିତ୍ରୀ ଶ୍ରୀଲତା ମିଶ୍ର ଓ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ବିଦ୍ୟାଧର ପାଣିଗ୍ରାହୀଙ୍କ ସରକାରୀ ବାସଭବନର ବ୍ୟାପକ କ୍ଷତିଗ୍ରସ୍ଥ ହୋଇଛି। ଶିକ୍ଷୟିତ୍ରୀ ମିଶ୍ର ଓ ତାଙ୍କ ପରିବାର ସଦସ୍ୟ ଝଡତୋଫାନ ବେଳେ ଘରେ ଅନୁପସ୍ଥିତ ଥିବାରୁ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଥିବା ବେଳେ ଘରେ ଥିବା ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି । ସେହିଭଳି ପାଣିଗ୍ରାହୀଙ୍କ



ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ଗଛ ପଡ଼ି ଘର ଭାଙ୍ଗି ଯାଇଛି ।

ଘର ଉପରେ ଗଛ ପଡିବା ଫଳରେ ସ୍ତ୍ରୀ ଆହ୍ଲାଦିନୀ ଓ ପୁଅ ତପନ ଆହତ ହୋଇ ସଇଁତଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କୁ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ସଇଁତଲା ଦେଇଯାଇଥିବା ଜାତୀୟ ରାଜପଥ ରାଜପଥ-୨୬ ଉପରେ ଗଛପଡ଼ି ବିଦ୍ୟୁତ ତାର ଛିଡ଼ିଯାଇଥିବା ବେଳେ ଦୀର୍ଘ ସମୟ ଧରି ରାସ୍ତା ଜାମ ହୋଇଯାଇଥିଲା। ସେହିପରି ଢ଼େଙ୍ଗ ପଞ୍ଚାୟତର ବିଜାପଦର ଗ୍ରାମର ଡୋଳାମଣୀ ବକୁଳ ନାମକ ଜଣେ ବ୍ୟକ୍ତିଙ୍କ ଘରର ଛପର ଉଡ଼ିଯାଇଛି। ଫଳରେ ତାଙ୍କ ପରିବାରର ୭ଜଣ ସଦସ୍ୟ ବର୍ତ୍ତମାନ ବାସହରା ହୋଇଯାଇଛନ୍ତି। ଘରଭଙ୍ଗା ସହାୟତା ସାଙ୍ଗକୁ ଆବଶ୍ୟକ ପଲିଥିନ ଯୋଗାଇ ଦେବାକୁ ବକୁଳ ସଇଁତଲା ତହସିଲଦାରଙ୍କଠାରେ ଦାବି କରିଛନ୍ତି। ଅପରପକ୍ଷରେ ରବିବାର ସନ୍ଧ୍ୟାରୁ ସଇଁତଲା ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି ।

# କାଳବୈଶାଖୀରେ ଭାଙ୍ଗିଲା ଘର: ୭ଦିନ ପରେ ବି ମିଳିନି ସହାୟତା

**ଖପ୍ରାଖୋଲ, ୩।୬(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ପାଟିମାଲ ଗାଁର ବିଧବା ସୀତାବାଇ ଦାସ(୭୦) । ପରିବାରରେ ପୁଅ ବୋହୁ ସହ ପାଞ୍ଚ ଜଣ । ଘର କହିଲେ ଅଧା ଭଙ୍ଗା ମାଟି ଘର। ପର ଘରେ ମୂଲ ଲାଗିଲେ ଚୂଲି ଜଳେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାଇ ମିଳୁଛି ଟଙ୍କିକିଆ ଚାଉଳ। ପକ୍କା ଘର ପାଇଁ ଅନେକ ଥର ପଲ୍ଲିସଭା, ଗ୍ରାମ ସଭାରେ ନାମ ଲେଖାଇଥିଲେ ବି ଆଜିଯାଏଁ ଘର ଖଣ୍ଡେ ମିଳି ନାହିଁ । ମାଟିଘରରେ ଯେନତେନ ଚଳିଯାଉଥିବା ବେଳେ ତାକୁ ବି ପ୍ରକୃତି ସହିଲା ନାହିଁ । ସପ୍ତାହେ



ଭଙ୍ଗା କୁଡିଆ ସମ୍ମୁଖରେ ସୀତାବାଇ।

ତଳେ ହୋଇଥିବା କାଳବୈଶାଖୀରେ ଘର ଛପର ଉଡାଇ ନେଇଥିବା ବେଳେ କାନ୍ଥ ଭାଙ୍ଗି ପଡିଛି। ହେଲେ ଆଜିଯାଏଁ ପଲିଥିନ ଖଣ୍ଡେ ମଧ୍ୟ ପ୍ରଶାସନ ତରଫରୁ ମିଳି ନ ଥିବା ଦୁଃଖର ସହିତ କହିଛନ୍ତି ସୀତାବାଇ। ଆଗକୁ ବର୍ଷା ଦିନ ଆସୁଥିବାରୁ ସୀତାବାଇଙ୍କ ପରିବାର କାଠ ବାଉଁଶ ଦେଇ ଘର ସଜାଡିବା ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଏ ନେଇ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କୁ ପଚାରିବାରୁ ସମ୍ପୃକ୍ତ ପରିବାରର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରାଥମିକତା ଲିଷ୍ଟରେ ନାମଥିଲେ ସର୍ଭେ ପରେ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଭୂତଳପୋଲ ରାସ୍ତାରେ ପାଣି ଜମୁଛି

**ଲୋଇସିଂହା,୩।୬(ଡି.ଏନ.ଏ)**

ସାମାନ୍ୟ ବର୍ଷା ହେଲେ ସେମେଲମୁଣ୍ଡାସ୍ଥିତ ରେଲୱେ ଅଣ୍ଡ ଗ୍ରାଉଣ୍ଡ ବ୍ରିଜ(ଭୂତଳ ପୋଲ) ତଳେ ପାଣି ଓ କାଦୁଅ ଜମି ରହୁଛି। ଏଥିଯୋଗୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ସେମେଲମୁଣ୍ଡା ଗ୍ରାମବାସୀ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତାୟାତ ବେଳେ ଲୋକେ ପଡି ଆହତ ହେଉଥିବା ଅଭିଯୋଗ ହେଉଛି। ସମ୍ବଲପୁର-ଟିଟିଲାଗଡ ରାସ୍ତାର ଲୋଇସିଂହା ଷ୍ଟେଶନ ନିକଟବର୍ତ୍ତୀ ସେମେଲମୁଣ୍ଡା ଗ୍ରାମବାସୀ ଲୋଇସିଂହା ସହର ଉପରେ ନିର୍ଭରଶୀଳ। ବର୍ଷକ ପୂର୍ବରୁ ଗ୍ରାମବାସୀ ଲେଭଲ କ୍ରସିଂ ପାର ହୋଇ ଯାତାୟାତ କରୁଥିଲେ। ଗତବର୍ଷ ଅଣ୍ଡର ଗ୍ରାଉଣ୍ଡ ପୋଲ କାମ ସରିବା ପରେ ରେଳ ବିଭାଗ ପକ୍ଷରୁ ଲେଭଲ କ୍ରସିଂ ରାସ୍ତାକୁ ବନ୍ଦ କରି ଦିଆଯାଇଥିଲା । ସେବେଠାରୁ ଗ୍ରାମବସୀ ଅଣ୍ଡର ଗ୍ରାଉଣ୍ଡ ପୋଲ ଦେଇ ଯାତାୟାତ କରୁଛନ୍ତି। ରାସ୍ତାର ଉଭୟ ପଟ ଗଡାଣିଆ ଥିବାରୁ ଦୁର୍ଘଟଣା ଆଶଙ୍କା କରି ସେତେବେଳେ ଲୋକେ ପ୍ରତିବାଦ କରିଥିଲେ । ଏହି ରାସ୍ତା ନିର୍ମାଣ ସମୟରେ ଉଠାଯାଇଥିବା ମାଟି ଅନ୍ୟତ୍ର ସ୍ଥାନାନ୍ତର କରା ନ ଯାଇ ପୂର୍ବରୁ ବ୍ୟବହାର ହେଉଥିବା ଲେଭଲ କ୍ରସିଂ ରାସ୍ତା ଉପରେ ପକାଯାଇଛି। ବର୍ଷା ହେଲେ ସେହି ମାଟି ଅଣ୍ଡର ଗ୍ରାଉଣ୍ଡ ପୋଲ ତଳକୁ ଆସୁଥିବାରୁ କାଦୁଅ ଜମି ରହୁଛି। ରାସ୍ତାର ଉଭୟ ପଟ ଗଡାଣିଆ ଥିବାରୁ ଯେତେ ସତର୍କତା ସହ ଯାତାୟାତ କଲେ ସୁଦ୍ଧା ଦୁର୍ଘଟଣାର ଶିକାର ହେବାକୁ ପଡୁଛି। ଏହାର ପ୍ରତିକାର ଦିଗରେ ରେଳ ବିଭାଗ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଅତର୍ଲା ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

# କଂସ ଦରବାର ମୁଖ୍ୟ ଆକର୍ଷଣ

**ମୁରିବାହାଲ, ୩।୬(ଡି.ଏନ.ଏ.)**

ମୁରିବାହାଲ ବ୍ଲକ ଅନ୍ତର୍ଲା ଗ୍ରାମରେ ନବନିର୍ମିତ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ସହ ଚବିଶ ପ୍ରହର ନାମଯଜ୍ଞ ସୋମବାର ଶେଷ ହୋଇଛି। ମନ୍ଦିର ପ୍ରତିଷ୍ଠା ଗତ ୨୯ ତାରିଖ ରୀତିନୀତି ଅନୁଯାୟୀ ରାଧାକୃଷ୍ଣଙ୍କ ମୂର୍ତ୍ତି ସ୍ଥାପନରୁ ଆରମ୍ଭ ହୋଇଥିଲା। ୩୦ତାରିଖରେ ଚବିଶ ପ୍ରହର ନାମଯଜ୍ଞ ନିମନ୍ତେ ୧୦୮ ମହିଳା କଳସ ଶୋଭାଯାତ୍ରାରେ ବାରବାଲ ନାଥ ଯୋରରୁ ପାଣି ଅଣାଯାଇ ଅଧିବାସ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଯଜ୍ଞ କର୍ତ୍ତାଭାବେ ବିରଞ୍ଚି ଭାଟି ଓ ପୁରଷୋତ୍ତମ ଭାଟି ସସ୍ତ୍ରୀକ କାର୍ଯ୍ୟ ତୁଲାଇଥିଲେ। ଏହି ନାମଯଜ୍ଞରେ ବଲାଙ୍ଗୀର, କଳାହାଣ୍ଡି, ବରଗଡ ଅଞ୍ଚଳର ବିଶିଷ୍ଟ କିର୍ତ୍ତନ ଗୁରୁ ଓ ୨୧ଟି ଦଳ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ କଂସ ଦରବାର ଥିଲା ମୁଖ୍ୟ ଆକର୍ଷଣ ଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇ ରାତ୍ର ୧୨ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ପ୍ରଥମ ଦିବସରେ ସଇଁତଲା ବ୍ଲକର ପୂର୍ବତନ ଅଧକ୍ଷ ହୃଷିକେଶ ରାଜପଲିଆ ମୁଖ୍ୟଅତିଥି, ଦ୍ୱିତୀୟ ଦିବସରେ ଜିଲା ଭାଜପା ଉପସଭାପତି ଶ୍ରୀବତ୍ସ ବେହେରା, ଶିକ୍ଷାବିତ ତରୁଣ ପୋଢ଼ ଓ ତୃତୀୟ ଦିବସରେ ବନମାଳୀ ଥପା ଓ ହେମରାଜ ପଶାୟତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସଭାପତି ବିରଞ୍ଚି ଭାଟି, ଉପସଭାପତି ଦେବରାଜ ପଶାୟତ, ଲିଙ୍କରାଜ ଭାଟି, ମଗଶୀର ସୁନାନୀ, ହେମନ୍ତ ଭାଟି, ଅନନ୍ତ ବରଗଡ଼ି, ଅର୍ଜୁନ ବାଗ, ବଳରାମ ବାଗ, ପରଦେଶୀ ବାଗ ପ୍ରମୁଖ ନେତୃତ୍ୱ ନେଇଥିଲେ । ମୀନାବଜାର ଓ ନାମଯଜ୍ଞ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା ।

ଗୋଳାବାରୁଦ କାରଖାନା ୱାର୍କର୍ସ ୟୁନିୟନର ବୈଠକ

# ସଙ୍ଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ

**ସଇଁତଲା, ୩।୬(ଡି.ଏନ.ଏ.)**

ଭାରତୀୟ ପ୍ରତିରକ୍ଷା ମଜଦୁର ସଂଘ ସହ ସଂଶ୍ଳିଷ୍ଟ ବଲାଙ୍ଗୀର ୱାର୍କର୍ସ ୟୁନିୟନ ଗୋଳାବାରୁଦ କାରଖାନା ବଡ଼ମାଳର ୨୧ତମ ବାର୍ଷିକ ସାଧାରଣ ସଭା କାରଖାନାସ୍ଥିତ ୱାର୍କ୍ସମେନ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି, ମହାସଂଘର ସହସମ୍ପାଦକ ରବିନ୍ଦ୍ର କୁମାର ମିଶ୍ର, କେନ୍ଦ୍ରୀୟ କମିଟି କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଟେଲ ଓ ପ୍ରକାଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଂଗଠନର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଭରତ ମାଝୀ ଅଧ୍ୟକ୍ଷ, ହରିହର ସିଂ ସାଧାରଣ ସମ୍ପାଦକ, ଲକ୍ଷ୍ମୀନାରାୟଣ ପାଢ଼ୀ



ବୈଠକରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ।

ଉପାଧ୍ୟକ୍ଷ, ଧରଣୀଧର ତ୍ରିପାଠୀ କାର୍ଯ୍ୟକାରୀ ଅଧ୍ୟକ୍ଷ, ବିଜୟ କୁମାର ସିଂଦେଓ ସହସମ୍ପାଦକ, ଅଶ୍ୱିନୀ ପାଢ଼ୀ ଯୁଗ୍ମ ସମ୍ପାଦକ ଓ ଅନ୍ତର୍ଯ୍ୟାମୀ ନାଗ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ସାଂଗଠନିକ ସମ୍ପାକଦ ଭାବେ ରାଜେନ୍ଦ୍ର ଗୌଡ଼ା, ଝସକେତନ ରଣା, ରାଜୀବ ଲୋଚନ ମିଶ୍ର ଓ ସଞ୍ଜୀବ କୁଅଁର ମନୋନୀତ ହୋଇଥିଲେ। ଅଡ଼ିଟର ଭାବେ ଅରୁଣ ସାହୁ ଓ ସହଅଡ଼ିଟର ଭାବେ ବେଦ ନନ୍ଦଙ୍କୁ ଚୟନ କରାଯାଇଥିଲା। ସଂଗଠନକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଚନ୍ଦୁଲାଲ ଭୋଇ ଓ ଦୀନବନ୍ଧୁ ସାହୁଙ୍କୁ ପେଟ୍ରନ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଆଗାମୀ ଦିନରେ ୟୁନିୟନକୁ ସୁଦୃଢ଼ ଏବଂ କର୍ମଚାରୀଙ୍କ ହିତରେ କାର୍ଯ୍ୟ କରିବାକୁ ଅତିଥିମାନେ ଉପସ୍ଥିତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରେମା ମହାନନ୍ଦ ସଭା ପରିଚାଳନା କରିଥିବାବେଳେ ଅନୀଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



ତାଙ୍କ ନିକଟରେ ନିଜକୁ ସମର୍ପି ଦିଅ; ତାଙ୍କରି କରୁଣାରେ ତୁମ୍ଭ ଆତ୍ମା ପ୍ରସ୍ଫୁଟିତ ହେବ। ସେ ପରମେଶ୍ୱର ଏବଂ ତୁମ୍ଭର ସ୍ୱାମୀ, ତାଙ୍କ ପ୍ରତି ତୁମର ଶ୍ରଦ୍ଧା ଦ୍ୱାରା ହିଁ ତାଙ୍କର ଦର୍ଶନ ପାଇବ। ଏହି ଭାବକୁ ଧ୍ୟାନ କଲେ ପରମ ଶାନ୍ତି ପାଇବ।
- ରାମାନୁଜ



## ସଂକ୍ଷେପରେ



ଓଲଟିଲା ଲୁହାପଥର ବୋଝେଇ ଟ୍ରକ୍

### ହେଲ୍‌ପର ମୃତ, ଚାଳକ ଆହତ

ଲଖନପୁର,୩।୬(ଡି.ଏନ୍.ଏ.)
୪୯ନଂ ଜାତୀୟ ରାଜପଥର ଝାରସୁଗୁଡ଼ା ଜିଲା ଲଖନପୁର ଥାନା ସାଗରପାଲି ଛକ ନିକଟରେ ସୋମବାର ସକାଳ ସାଢ଼େ ୬ଟାରେ ଏକ ଲୁହାପଥର ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଫଳରେ ହେଲ୍‌ପର ମଧ୍ୟପ୍ରଦେଶ ଦେୱାସ୍ ଜିଲା ଗନ୍ଧର୍ବପୁରୀ ଗ୍ରାମର ତେଜ୍ ସିଂ (୩୨)ଙ୍କ ମୃତ୍ୟୁ ହୋଇଥିବାବେଳେ ସେହି ଗ୍ରାମର ଚାଳକ ସୁରେନ୍ଦ୍ର ସିଂ (୩୦) ଆହତ ହୋଇଛନ୍ତି। ସୁରେନ୍ଦ୍ରଙ୍କୁ ଚିକିତ୍ସା କରି ପୋଲିସ ଗିରଫ କରିଛି। ପୋଲିସ ଏ ସମ୍ପର୍କରେ ମୃତ ହେଲ୍‌ପର ତେଜ୍ ସିଂଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ସଂରକ୍ଷିତ ରଖାଯାଇଛି। ପରିବାର ଲୋକେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଏନ୍‌ଏଲ୍‌୦୧-ଏସି୨୩୯୨ନଂ ଟ୍ରକ୍ ଜବତ କରିଛି। ସୂଚନାଯୋଗ୍ୟ, ରୁରୁଡ଼ିରୁ ଲୁହାପଥର ବୋଝେଇ କରି ଟ୍ରକ୍‌ଟି ଛତିଶଗଡ଼ ରାୟଗଡ଼ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ହେଲପର ଓ ଡ୍ରାଇଭରଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଝାରସୁଗୁଡ଼ା ମେଡିକାଲ ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହେଲପର ତେଜ୍ ସିଂଙ୍କ ମୃତ୍ୟୁ ଘଟିଥିଲା।

ଆଜି କ'ଣ କେଉଁଠି ପ୍ରସଙ୍ଗରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ୪୯ନଂ ଜାତୀୟ ରାଜପଥ

# ଦୁର୍ଘଟଣା ରୋକିବାକୁ ହେବ ସାମୂହିକ ଉଦ୍ୟମ

■ ତ୍ରିପାକ୍ଷିକ ବୈଠକରେ ନିଷ୍ପତ୍ତି
■ ରୋଡ୍‌ସେଲ୍ କୋଇଲା ପରିବହନ ଉପରେ କଟକଣା ଦାବି

ଝାରସୁଗୁଡ଼ା ଅଫିସ/ ଲଖନପୁର, ୩।୬ (ଡି.ଏନ୍.ଏ.)

ବେପାରୁଆ ଗାଡ଼ି ଚାଳନା ଯୋଗୁ ବେଲପାହାଡ଼ରୁ କନକତୋରା ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ରୋକିବା ଦିଗରେ ଆଲୋଚନା ପାଇଁ ସୋମବାର ଜିଲାପାଳଙ୍କ ସଭାଗୃହରେ ଜିଲାପାଳ ବିଭୂତି ଭୂଷଣ ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ଦାସ, ଏସ୍‌ପି ଅଶ୍ୱିନୀ ମହାନ୍ତି, ଆର୍‌ଟିଓ ସିଦ୍ଧେଶ୍ୱର ନାୟକ, ଝାରସୁଗୁଡ଼ା ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ, ବ୍ରଜରାଜନଗର ଏସ୍‌ଡିପିଓ ନୃପଚରଣ ଦଣ୍ଡସେନା, ରେଙ୍ଗାଲି ଥାନା ଆଇଆଇସି ଦାନିଏଲ କେର୍କେଟା,



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଲୋକେ।

ଲଖନପୁର ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ, ବେଲପାହାଡ଼ ଥାନା ଆଇଆଇସି ରଶ୍ମିତା ବେହେରା, ବ୍ରଜରାଜନଗର ଥାନା ଆଇଆଇସି ବିଶ୍ୱାମିତ୍ର ହରିପାଲଙ୍କ ସମେତ ଏମ୍‌ସିଏଲ୍ ଅଧିକାରୀ, ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ ସଭାପତି ଅମୀୟ ସାମଲ, ବନ୍ଧବାହାଲ ଟ୍ରକ୍ ମାଲିକ ସଂଘ ସଭାପତି ଅଖିଳ ସ୍ୱାଇଁ, ସମ୍ପାଦକ ସନ୍ତୋଷ ମହାନ୍ତି, ଅଞ୍ଚଳବାସୀଙ୍କ ତରଫରୁ ଭଉଁରଖୋଲ ସରପଞ୍ଚ ଅଶ୍ୱିନୀ ପ୍ରଧାନ, କୁଡ଼ାଲୋଇ ପଞ୍ଚାୟତର ବରିଷ୍ଠ ନାଗରିକ ବିରଞ୍ଚି ସାହୁ, ଅମିନ ଖାଁ, ସୁରେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ରଥ, ମୁରଲି ପ୍ରଧାନ, କୃଷ୍ଣଚନ୍ଦ୍ର ବାଗ, କୁନିଲତା ସାହୁ, ରଞ୍ଜୁତା ବାଗ, ଆସିସିଆନ୍ ଆଙ୍ଗିରିଆ ପ୍ରମୁଖ ଯୋଗଦେଇଥିଲେ। ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ବେପାରୁଆ ଗାଡ଼ି ଚାଳନା, ଟ୍ରକ୍ ଯୋଗେ ରୋଡ୍‌ସେଲ୍ କୋଇଲା ପରିବହନ, ବିନା ହେଲ୍‌ପରରେ ଭାରିଯାନ ଚାଳନା, ରାସ୍ତାପାର୍ଶ୍ୱରେ ବେଆଇନ ପାର୍କିଂ, ରାଜପଥ ପାର୍ଶ୍ୱ ଢାବାରେ ବେଆଇନ ମଦ କାରବାର, ଅଧିକାଂଶ ଗାଡ଼ିର କାଗଜପତ୍ର ଠିକ୍ ନ ଥିବା, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚାଳନା, ଆଦି ଦୁର୍ଘଟଣାର ମୁଖ୍ୟ କାରଣ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରୋଡ୍‌ସେଲ୍ କୋଇଲା ପରିବହନ ବନ୍ଦ ରଖିବା, ଆର୍‌ଟିଓ ଓ ପୋଲିସ ପକ୍ଷରୁ ବାରମ୍ବାର ଗାଡ଼ି ଯାଞ୍ଚ, ରାସ୍ତା ପାର୍ଶ୍ୱରେ ପାର୍କିଂ ସ୍ଥାନ ନିର୍ମାଣ କରିବା, ଛକଗୁଡ଼ିକରେ ସ୍ପିଡ୍ ବ୍ରେକର ଲଗାଇବା, ସ୍ୱତନ୍ତ୍ର କୋଲ୍ କରିଡର ନିର୍ମାଣ କରିବାକୁ ଲୋକେ ଦାବି କରିଥିଲେ। ଲୋକଙ୍କ ଅଭିଯୋଗ ଶୁଣି କୋଲ୍ କରିଡର ନିର୍ମାଣ କରିବାକୁ ଜିଲାପାଳ ଦାସ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଲେ। ସେହିପରି ଦୁର୍ଘଟଣା ରୋକିବା ପାଇଁ ସାମୂହିକ ଉଦ୍ୟମ କରାଯିବ ବୋଲି ଜିଲାପାଳ କହିଛନ୍ତି।

## ଆର୍‌ଏସ୍‌ପି ସିଣ୍ଟରିଂ ପ୍ଲାଣ୍ଟ ପକ୍ଷରୁ ବ୍ୟବହାରିକ ସୁରକ୍ଷା ମାସ

ରାଉରକେଲା ଅଫିସ,୩।୬
ବ୍ୟବହାରଭିତ୍ତିକ ସୁରକ୍ଷା ଉପରେ ରାଉରକେଲା ଇସ୍ପାତ କାରଖାନା ମୁଖ୍ୟ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଦୀପକ ଚଟ୍ଟରାଜ ଗୁରୁତ୍ୱାରୋପ କରିଛନ୍ତି। ଏ ନେଇ ସେ ଏକ ବୃହତ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହାକୁ ସିଣ୍ଟରିଂ ପ୍ଲାଣ୍ଟଠାରୁ ବ୍ୟବହାରିକ ସଫଳତାର ନମୁନା ଭାବେ ବ୍ୟବହାର କରାଯାଉଛି। ଜୁନ ମାସକୁ ବ୍ୟବହାରଭିତ୍ତିକ ସୁରକ୍ଷା ମାସ ରୂପେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ବିଭାଗୀୟ ଡିଜିଏମ୍ ଏସ୍. ଦତ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଡିଜିଏମ୍ ଏସ୍.ସି. ମହାନ୍ତି, ଡିଜିଏମ୍ ଜି.ଏସ୍. ଭୂମିଜ ଓ ଅଗ୍ନିସେବା ବିଭାଗ ମ୍ୟାନେଜର ଏମ୍.ଆଇ. ସନକୁସାରେଙ୍କ ସମେତ ପ୍ରାୟ ୩୫ ଜଣ କର୍ମଚାରୀ ଏଥିରେ ଉପସ୍ଥିତ ଥିଲେ। ଏସ୍‌ପି-୨ ବିଭାଗ ଡିଜିଏମ୍ ଏସ୍.ସି. ସରକାର ବ୍ୟବହାରଭିତ୍ତିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସିଣ୍ଟର ପ୍ଲାଣ୍ଟ ଏଜିଏମ୍ ଏସ୍. ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଇଲେକ୍ଟ୍ରିକାଲ ବିଭାଗ ସିନିୟର ମ୍ୟାନେଜର ଏସ୍.ଏସ୍. ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ଗୋ ସଂରକ୍ଷଣ ନେଇ ଜାଗରଣ

ରାଉରକେଲା ଅଫିସ,୩।୬
ମାରୱାଡି ଯୁବ ମଞ୍ଚ ଅଧ୍ୟକ୍ଷ ପ୍ରତୀକ କାୟଲଙ୍କ ନେତୃତ୍ୱରେ ଗୋସେବା, ଗୋ ସଂରକ୍ଷଣ ନେଇ ବେଦବ୍ୟାସ ଗୋଶାଳାଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଆଜିର ଯୁବପିଢ଼ି କିପରି ଗୋସେବା ନେଇ ଅଧିକରୁ ଅଧିକ ସଚେତନ ହେବେ ସେ ନେଇ ପ୍ରୟାସ ଆରମ୍ଭ କରାଯାଇଛି। ଷ୍ଟିଲ ସିଟିର ପ୍ରତ୍ୟେକ ପରିବାର ଗୋସେବା ଦିଗରେ ଜାଗ୍ରତ ହେବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ଏଥିରେ କୁହାଯାଇଥିଲା। ସାମାଜିକ ତଥା ଧାର୍ମିକ କର୍ତ୍ତବ୍ୟ ପାଳନ ନେଇ ପ୍ରତ୍ୟେକ ଆଗ୍ରହୀ ହେବା ଆବଶ୍ୟକ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ପ୍ରାଚୀନ କାଳରୁ ଗୋବଂଶ ସୁରକ୍ଷା ସମାଜର ମୂଳ ଉଦ୍ଦେଶ୍ୟ ରହିଆସିଛି।



ମାରୱାଡି ଯୁବ ମଞ୍ଚ ପକ୍ଷରୁ ବେଦବ୍ୟାସ ଗୋଶାଳାରେ ଗାଇମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଉଛି।

ଗୋବଂଶ ସମୃଦ୍ଧ ହେଲେ ଆମ ଅର୍ଥ ବ୍ୟବସ୍ଥା ସମୃଦ୍ଧ ହେବ। ପ୍ରକୃତି ଶୁଦ୍ଧ ଏବଂ ସ୍ୱଚ୍ଛ ରହିବ। ଏ ନେଇ ସଂଗଠନ ପକ୍ଷରୁ ବିଭିନ୍ନ କିସମର ପନିପରିବା ଓ ଗୁଡ଼ ଗାଇଙ୍କୁ ଖାଦ୍ୟ ରୂପେ ପ୍ରଦାନ କରାଯାଉଛି। ସଂଗଠନର ମୂଳ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ସହରର ଯୁବପିଢ଼ି ସାମିଲ ହେଲେ ଉଦ୍ଦେଶ୍ୟ ସଫଳ ହେଲା ବୋଲି କୁହାଯାଇପାରିବ। ବୁଲା ଗାଈ ଗୋରୁ ଏବଂ ଗୋଶାଳାରେ ଆଶ୍ରୀତ ଗାଇଙ୍କୁ ଖାଦ୍ୟ ପ୍ରଦାନ ନେଇ ଜାଗରଣ ସୃଷ୍ଟି କରିବାରେ ଲାଗିଛି ମାରୱାଡି ଯୁବ ସଂଗଠନ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିକାଶ ଶର୍ମା, ରବିକାନ୍ତ ଶର୍ମା, ଅନୁପ ମୋଦି, ମୋହିତ ଗୁପ୍ତା, ପ୍ରୀତୁଲ ମିତ୍ତଲ, ରାଜେଶ ଶର୍ମା, ମୁକୁଲ ବାପୋଡିଆ, ଅମୃତ ଅଗ୍ରୱାଲ, ଲଳିତ ଅଗ୍ରୱାଲ ପ୍ରମୁଖ ଉଦ୍ୟମ ଚଳାଇଛନ୍ତି।

## ଭେଣ୍ଡିଂ ଜୋନରେ ଆବର୍ଜନା ପାଣି ନେଇ ଅସନ୍ତୋଷ

ରାଉରକେଲା ଅଫିସ,୩।୬
କୋଏଲନଗର ଏ ବ୍ଲକ ଭେଣ୍ଡିଂ ଜୋନ ଅଞ୍ଚଳରେ ବିଭିନ୍ନ ସମସ୍ୟା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ପାଇପ୍ ପାଣି ଲିକ୍ ହେବା ସହ ବର୍ଷା ଜଳ ନିଷ୍କାସନ ନେଇ ଅବ୍ୟବସ୍ଥା ଲାଗି ରହିଛି। ବର୍ଜ୍ୟ ଜଳ ନିଷ୍କାସନ ହୋଇ ନ ପାରି ଜମି ରହୁଛି। ଏ ନେଇ ରହିଥିବା ବ୍ୟବସ୍ଥା ଅକାମି ହୋଇପଡ଼ିଛି। ଡ୍ରେନେଜ ବ୍ୟବସ୍ଥା ପୁନରୁଦ୍ଧାର ନେଇ ପଦକ୍ଷେପ ନିଆଯାଉନି। ଆବର୍ଜନା ଜଳ ଦୀର୍ଘଦିନ ଧରି ଜମିରହିବା ସହ ପଚିଶଢ଼ି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଦୁର୍ଗନ୍ଧ ଯୋଗୁ ଉଭୟ ଗ୍ରାହକ ଓ ବ୍ୟବସାୟୀ ଅତିଷ୍ଠ ହୋଇପଡ଼ିଲେଣି। ଦୀର୍ଘ ୨୫ ବର୍ଷ ପୂର୍ବରୁ ଜଳ ନିଷ୍କାସନ ପାଇଁ ଯେଉଁ ବ୍ୟବସ୍ଥା କରାଯାଇଥିଲା ତାହା ଏବେ ଅଚଳ ହୋଇପଡ଼ିଛି। ଏଥିରେ ବର୍ଜ୍ୟବସ୍ତୁ ଜମିରହି ନାଳକୁ ଅକାମି କରିଛି। ଏହାର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନିଆଯାଉନି। ଏ ଦିଗରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ପଦକ୍ଷେପ ନିଆଯାଉନି ବୋଲି ସ୍ଥାନୀୟ ବ୍ୟବସାୟୀ ପ୍ରକାଶ କରିଛନ୍ତି। ବର୍ଷା ପୂର୍ବରୁ ଏଭଳି ଅବ୍ୟବସ୍ଥା ଦେଖା ଦେଇଥିବା ବେଳେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବା ନେଇ ଆଶଙ୍କା ବ୍ୟକ୍ତ କରାଯାଇଛି। ଏ ଦିଗରେ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।



କୋଏଲନଗର ଭେଣ୍ଡିଂ ଜୋନ୍‌ରେ ଆବର୍ଜନା ପାଣି ଜମି ରହିଛି।



ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାରେ ଅତିଥି ଓ ପ୍ରତିଯୋଗୀ।

## ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା

ରାଉରକେଲା ଅଫିସ,୩।୬
ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ରାଉରକେଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ୟୁଥ୍ ମୁଭମେଣ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ ଓ ସୁବର୍ଣ୍ଣରେଖା ଅନୁଷ୍ଠାନ ମିଳିତ ଅନୁକୂଲ୍ୟରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରବିବାର ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ ପ୍ରତିଯୋଗୀ ଭାଗନେଇଥିଲେ। ଏଥିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ଆଞ୍ଚଳିକ ଅଧିକାରୀ ହେମେନ୍ଦ୍ର ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସେକ୍ଟର-୫ ଭଞ୍ଜଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ୟୁଥ୍ ମୁଭମେଣ୍ଟ ଫେଡେରେଶନ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ପରିଚାଳନା କରିଥିଲେ। ବିଭାଗୀୟ ପରିବେଶ ଯନ୍ତ୍ରୀ ବବିତା ସିଂ, ବିଜୟ ଭୋଇ, ସେଣ୍ଟ ପଲ ସ୍କୁଲ ଶିକ୍ଷକ ରବିନ୍ଦର ରାୱଲେ ପ୍ରମୁଖ ବିଚାରକ ରୂପେ ଯୋଗଦେଇଥିଲେ। ଓଡ଼ିଆ ଏବଂ ଇଂଲିଶ ଭାଷାରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଶିଶୁ ସାହିତ୍ୟିକ ସୁନୀଲ ସମ୍ମାନିତ

ରାଉରକେଲା ଅଫିସ,୩।୬
ଶିଶୁ ସାହିତ୍ୟିକ ତଥା ସୁନା ଫୁଲ ସାହିତ୍ୟ ସଂସଦ ସମ୍ପାଦକ ସୁନୀଲ ମହାନ୍ତିଙ୍କୁ ମିଳିଛି ନବକାକଳୀ ଶିଶୁ ସାହିତ୍ୟ ସମ୍ମାନ। ସୁନୀଲଙ୍କୁ ଏହି ସମ୍ମାନ ମିଳିଥିବାରୁ ବିଭିନ୍ନ ମହଲରେ ସନ୍ତୋଷ ବ୍ୟକ୍ତ କରାଯାଇଛି। ଭୁବନେଶ୍ୱର ସତ୍ୟବିହାରସ୍ଥିତ ନବକାକଳୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସାରସ୍ୱତ କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସମ୍ପାଦକ ସୁରେନ୍ଦ୍ର ତ୍ରିପାଠୀ ସଂଯୋଜନା କରିଥିଲେ। ଏଥିରେ ପୋଲିସ ଅଧିକାରୀ ଡ. ସତ୍ୟଜିତ ନାୟକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ପ୍ରମୁଖ ଅତିଥି ରୂପେ ଯୋଗଦେଇ ସୁନୀଲଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଯୋଗଦେଇଥିବା ସାରସ୍ୱତ ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୁନୀଲଙ୍କ ଏହି ସଫଳତା ପାଇଁ ସୁନା ଫୁଲ ସାହିତ୍ୟ ସଂସଦ ସଭାପତି ବିଜୟ ସାହୁ, ଉପସଭାପତି ଅନୀଲ ଦାସ, ଉପଦେଷ୍ଟା ମଞ୍ଜୁଳା ରଥ, ରଶ୍ମିବାଳା ରାଉତରାୟ ଓ ନିରଞ୍ଜନ କରଣ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ନବକାକଳୀ ପକ୍ଷରୁ ସୁନୀଲ ମହାନ୍ତିଙ୍କୁ ସମ୍ମାନିତ କରାଯାଉଛି।



ପ୍ରଧାନ ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲଇକେରା,୩।୬(ଡି.ଏନ୍.ଏ.)
ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ବାଗଡିହି ଆର୍‌ଏମ୍‌ପିଏସ୍ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୟଦ ଗୁଲାମ ଦସ୍ତଗାର ଖାଁ ମେ' ୩୧ରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷକ ଯୁଗଳ କିଶୋର ପରୁଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୋହନଚରଣ ବେହେରା, ଶାନ୍ତିଲତା କିଷାନ, ଶ୍ରଦ୍ଧାଞ୍ଜଳି ଲାକଡ଼ା, ଲକ୍ଷ୍ମୀନାରାୟଣ ସରାଫ, ଜ୍ୟୋତିଷ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଖାଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ସାବିତ୍ରୀ ବ୍ରତ ପାଇଁ ମନ୍ଦିର ଚଳଚଞ୍ଚଳ

ରାଉରକେଲା ଅଫିସ,୩।୬
ସାବିତ୍ରୀ ବ୍ରତ ପାଇଁ ସୋମବାର ସକାଳୁ ଷ୍ଟିଲ ସିଟିର ବିଭିନ୍ନ ମନ୍ଦିରରେ ପ୍ରଭଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଭୋର୍‌ରୁ ଅନେକ ମନ୍ଦିରରେ ବ୍ରତଧାରୀଙ୍କ ଲମ୍ବା ଧାଡ଼ି ଲାଗିଥିଲା। କେତେକ ସ୍ଥାନରେ ମହିଳାମାନେ ଏକତ୍ର ବ୍ରତ ଧାରଣ ଉଦେଶ୍ୟରେ ପୂଜାପାଠ କରିଥିଲେ। ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ଯୋଗୁ ଅନେକ ସ୍ଥାନରେ ଘରୋଇ ପୂଜାପାଠ ନେଇ ଅବ୍ୟବସ୍ଥା ଲାଗି ରହିଥିଲା। ଲୁଗାପଟା, ପୂଜା ସାମଗ୍ରୀ, ଫଳଫୁଲ ଦର ହଠାତ୍ ଦୁଇଗୁଣ ହୋଇଯିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସାବିତ୍ରୀ ବଜାର କିଣାବିକା ନେଇ ପ୍ରାୟ ଅଧିକାଂଶ ସ୍ଥାନରେ ଭିଡ଼ ଲାଗି ରହିଥିଲା। ଏପରି ଅବସ୍ଥାରେ ପ୍ରତ୍ୟେକ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧି ସତ୍ତ୍ୱେ କାରବାର ଭଲ ହୋଇଥିବା ଜଣାଯାଇଛି।



ରେଲୱେ କଲୋନୀ କାଳୀ ମନ୍ଦିରରେ ସାବିତ୍ରୀ ବ୍ରତ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

# ୫୪ ଘଣ୍ଟା ପରେ ସ୍ୱାଭାବିକ ହେଲା ବିଦ୍ୟୁତ୍ ସେବା

## ପାଣି ପାଇଁ ଲୋକେ ସମସ୍ୟା ଭୋଗିଲେ, ଗରମରେ ଛଟପଟ ହେଲେ

ବେଲପାହାଡ଼,୩।୬(ଡି.ଏନ୍.ଏ.)
କାଳବୈଶାଖୀ ଯୋଗୁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ଶୁକ୍ରବାର ଅପରାହ୍ନ ୫ଟାରୁ ବିଦ୍ୟୁତ୍ ଠପ୍ ହୋଇଯାଇଥିଲା। ଦୀର୍ଘ ୫୪ ଘଣ୍ଟା ପରେ ଅର୍ଥାତ ରବିବାର ରାତି ୧୧ଟାରେ ସେବା ସ୍ୱାଭାବିକ ହୋଇଛି। ଫଳରେ ୫୪ ଘଣ୍ଟା ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିବା ଅଞ୍ଚଳବାସୀଙ୍କୁ ଆଶ୍ୱସ୍ତି ମିଳିଛି। ଶୁକ୍ରବାର ଅପରାହ୍ନରେ ଅଞ୍ଚଳରେ ପ୍ରବଳ ବେଗରେ ପବନ ବୋହିବା ସହ ଅଳ୍ପ ବର୍ଷା ହୋଇଥିଲା। ଏହା ପ୍ରଭାବରେ ନୂଆପଡ଼ାରୁ ଜାମକାନି ଗାଁ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଥିବା ୧୪ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବାରୁ ମୁଚବାହାଲ ସ୍ଥିତ ୩୩ କେଭି ସବ୍‌ଷ୍ଟେଶନ ଅଚଳ ହୋଇପଡ଼ିଥିଲା। ଏଥିସହ ବିଭିନ୍ନ ସ୍ଥାନରେ ଶତାଧିକ ଗଛ ଓ ଡାଳ ଭାଙ୍ଗିବାରୁ ବିଦ୍ୟୁତ୍ ତାର ଛିଣ୍ଡିଯାଇଥିଲା। ଶନିବାର ଅପରାହ୍ନ ପର୍ଯ୍ୟନ୍ତ ମଧ୍ୟ ଖୁଣ୍ଟ ପୋତା କାର୍ଯ୍ୟ ନ ସରିବାରୁ ସେବା ସ୍ୱାଭାବିକ ହୋଇପାରି ନ ଥିଲା। ଫଳରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଥିଲା। ଲୋକେ ପାଣି ପାଇଁ ଡହଳବିକଳ ହୋଇଥିଲେ। ସମସ୍ତେ ପୌର ପରିଷଦ ଟ୍ୟାଙ୍କର ପାଣି ଉପରେ ନିର୍ଭର କରିଥିଲେ। ମାତ୍ର ପୌରପରିଷଦ ପକ୍ଷରୁ ନିୟୋଜିତ ମାତ୍ର ୧୪ ଟ୍ୟାଙ୍କର ସମୁଦ୍ରକୁ ଶଙ୍ଖେ ଭଳି କିଛିଟା ସମସ୍ୟା ସମାଧାନରେ ସହାୟକ ହୋଇପାରିଥିଲା। ରବିବାର ପୂର୍ବାହ୍ନ ପର୍ଯ୍ୟନ୍ତ ପରିସ୍ଥିତି ଏପରି ହୋଇଯାଇଥିଲା ଯେ ଟ୍ୟାଙ୍କର ଗୋଟିଏ ସ୍ଥାନକୁ ଯାଉଥିବା ବେଳେ ଲୋକେ ବାଟରେ ଅଟକାଇ ପାଣି ନେଇଯାଉଥିଲେ। କେତେଜଣ ବ୍ୟକ୍ତି ଭଡ଼ାରେ ଘରକୁ ଜେନେରେଟର ଆଣି ଟାଙ୍କିକୁ ପାଣି ଉଠାଇଥିଲେ। କେବଳ ପାଣି ପାଇଁ ନୁହେଁ, ଅଞ୍ଚଳବାସୀ ବିନା ବିଦ୍ୟୁତ୍‌ରେ ଘରେ କିମ୍ବା ବାହାରେ ରହି ନ ପାରି ଗରମ, ଗୁଳୁଗୁଳିରେ ଛଟପଟ ହୋଇଥିଲେ। ଘରେ ପଙ୍ଖା, କୁଲର୍, ଏସି ଚାଲୁ ନ ଥିବା ତଥା ଇନ୍‌ଭର୍ଟରଗୁଡ଼ିକରୁ ଚାର୍ଜ ସରିଯାଇଥିବାରୁ ଶିଶୁ, ବୃଦ୍ଧାବୃଦ୍ଧ ଓ ରୋଗୀମାନଙ୍କ କଷ୍ଟ ବଢ଼ିଯାଇଥିଲା। ଅନ୍ୟ ପଟେ ବିଦ୍ୟୁତ ବିଭାଗ ଅଧିକାରୀ ଓ କର୍ମଚାରୀ ରାତିଦିନ ପରିଶ୍ରମ କରି ରବିବାର ରାତି ୧୦ଟା ସୁଦ୍ଧା ମରାମତି କାର୍ଯ୍ୟ ସାରିବାକୁ ସକ୍ଷମ ହୋଇଥିଲେ। ଶେଷରେ ରବିବାର ରାତି ୧୧ଟାରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବା ପରେ ଲୋକେ ଆଶ୍ୱସ୍ତ ହୋଇଛନ୍ତି। ସୂଚାନାଯୋଗ୍ୟ, ପୌର ପରିଷଦ ଗଠନ ହେବା ଦିନଠାରୁ ଅର୍ଥାତ ଗତ ୨୪ ବର୍ଷ ମଧ୍ୟରେ ଅଞ୍ଚଳରେ କେବେ ବି ଏଭଳି ପାଣି ସମସ୍ୟା ସୃଷ୍ଟି ହୋଇ ନ ଥିଲା।



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ଗ୍ରୀଷ୍ମତାପରେ ବ୍ୟାଟେରି ଶର୍ଟସର୍କିଟ
### କାଟୁନ ବୋଝେଇ ଅଟୋ ଜଳିଗଲା

ବେଦବ୍ୟାସ, ୩।୬ (ଡି.ଏନ.ଏ)
ପ୍ରଚଣ୍ଡ ଗ୍ରୀଷ୍ମତାପ ଯୋଗୁ ବ୍ୟାଟେରୀ ସର୍ଟସର୍କିଟ ହୋଇ ସୋମବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ବେଲଡିହି ଛକରେ ଏକ ଚଳନ୍ତା କାଟୁନ ବୋଝେଇ ଅଟୋ ସମ୍ପୂର୍ଣ୍ଣ ଜଳିଯାଇଛି। ରାଉରକେଲା ପାର୍ଶ୍ୱରୁ ରାଜଗାଙ୍ଗପୁର ଆଡକୁ ଯାଉଥିବା ଅଟୋ ନଂ. ଓଆର୍ ୧୪ ଏକ୍ସ- ୯୬୬୦ ବେଲଡିହି ଛକରେ ପହଞ୍ଚିବା ପରେ ଚାଳକ ଚନ୍ଦନ ଶଙ୍କର ଧୂଆଁ ବାହାରୁଥିବା ଦେଖି ଅଟୋକୁ ଠିକା କରିଥିଲେ। ନିଆଁ ଅଣାୟତ ହେବାରୁ ସ୍ଥାନୀୟ ଯୁବନେତା ବିନୋଦ କୁଜୁର, ଲୁଙ୍ଗେଇ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ରବୀନ୍ଦ୍ର କୁମାର ରାଜ ଓ ଅନ୍ୟମାନଙ୍କର ସାହାର୍ଯ୍ୟ ଲୋଡିବା ସହ ବ୍ରାହ୍ମଣୀତରଙ୍ଗ ଥାନାକୁ ଖବର କରିଥିଲେ। ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନା ଓ ରାଉରକେଲା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅଟୋରେ ଜଳୁଥିବା ନିଆଁକୁ ଆୟତ କରିଥିଲେ। ଅଟୋରେ ବୋଝେଇ ହୋଇଥିବା ସମସ୍ତ କାଟୁନ ଜଳି ପାଉଁଶ ହେବା ସହ ଅଟୋର ମଧ ବିଶେଷ କ୍ଷୟକ୍ଷତି ହୋଇଛି।

# ପିଇବା ପାଣି ଲାଗି ଲୋକେ ତହଳବିକଳ

- ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧିକାରୀଙ୍କ ଅବହେଳା
- ସଉନାମରାରେ ଜଳ ଯୋଗାଣ ମୋଟର ପୋଡିଯାଇଛି
- ବନ୍ଧବାହାଲ ବସଷ୍ଟାଣ୍ଡଠାରେ ସୋଲାର ପାଣିପମ୍ପ ଅଚଳ
- ଜିଲାପାଳ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଲୋକଙ୍କ ଦାବି

ବାଲିଶଙ୍କରା, ୩।୬ (ଡି.ଏନ.ଏ)

ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳିରେ ଲୋକେ ହନ୍ତସନ୍ତ ହେଉଛନ୍ତି। ତା ସାଙ୍ଗକୁ ଲୋକେ ପିଇବା ପାଣି ପାଇଁ ତହଳବିକଳ ହେଉଛନ୍ତି। ବାଲିଶଙ୍କରା ବ୍ଲକରେ କେଉଁଠି ଜଳଯୋଗାଣ ବିଭାଗର ମୋଟର ପୋଡ଼ିଯାଇଛି ତ କେଉଁଠି ସୋଲାର ପାଣି ପମ୍ପ ଅଚଳ ହୋଇପଡ଼ିଛି। ଫଳରେ ସମଗ୍ର ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ପିଇବା ପାଣି ସମସ୍ୟା ଉତ୍କଟ ଆକାର ଧାରଣ କରିଛି ବୋଲି ଅଭିଯୋଗ ହୋଇଛି। ବାଲିଶଙ୍କରା ବ୍ଲକ ସଉନାମରା ଗ୍ରାମରେ ୨୦୦୬ରୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ପିଇବା ପାଣି ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ହେଲେ ଗତ ମାର୍ଚ୍ଚ ମାସରୁ ତାହା ଅଚଳ। ତାହାର ମୋଟର ପୋଡିଯାଇଛି। ହେଲେ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ଦାୟୀତ୍ୱରେ ଥିବା ଗ୍ରାମ୍ୟ ଜଳଯୋଗାଣ ବିଭାର ଅଧିକାରୀ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଏହାର ନୂତନ ମୋଟର ବସାଇବା ପାଇଁ ଲୋକେ ଗୁହାରୀ କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଲୋକେ ପାଣି ପାଇଁ ହାହାକାର ହେଉଥିବା ବେଳେ କୌଣସି ପଦକ୍ଷେପ ନେଉ ନ ଥିବା ଚିନ୍ତାର ବିଷୟ ପାଲଟିଛି। ସେହିପରି ବ୍ଲକର ବନ୍ଧବାହାଲ ପଞ୍ଚାୟତ ବନ୍ଧବାହାଲ ବସଷ୍ଟାଣ୍ଡଠାରେ ସୋଲାର ପାଣିପମ୍ପ ଅଚଳ ହୋଇପଡିଛି। ହେଲେ ଦାୟୀତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଓ କାର୍ଯ୍ୟ କରିବାର ଇଚ୍ଛାଶକ୍ତିର ଅଭାବ ଯୋଗୁ ତାହା ଠିକ୍ ହୋଇପାରୁନି। ପ୍ରବଳ ଗ୍ରୀଷ୍ମ ସମୟରେ ଅଞ୍ଚଳର ଜନସାଧାରଣ ପାଣି ଟୋପାଏ ପାଇଁ ହାହାକାର ହେବାକୁ ପଡୁଛି ବୋଲି ଦୁଃଖର ସହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ କନିଷ୍ଠ ଯନ୍ତ୍ରୀ (୧) ଟଙ୍କେଶ୍ୱର ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଠିକାଦାରଙ୍କୁ ଦାୟୀତ୍ୱ ଦିଆଯାଇଛି। କାର୍ଯ୍ୟ ଶୀଘ୍ର ହେବ ବୋଲି କହିଥିଲେ। ଏବିଷୟ ନେଇ ଅଧିକାରୀଙ୍କୁ ବାରମ୍ବାର କହିଥିଲେ ସୁଦ୍ଧା ୨ମାସ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ କୌଣସି ପ୍ରକାର ପ୍ରତିକାର ନ ହେବାରୁ ଏଥିପ୍ରତି ଜିଲାପାଳ ବିଶେଷ ଦୃଷ୍ଟିଦେଇ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



ବନ୍ଧବାହାଲ ସୋଲାର ପମ୍ପ ଅଚଳ ହୋଇପଡ଼ିଛି।

### ଯୁକ୍ତ ୨ବିଜ୍ଞାନ ପରୀକ୍ଷାଫଳ
## ସୁନ୍ଦରଗଡ଼ ଜିଲାରେ ପାସ ହାର ୫୧.୬୪ ପ୍ରତିଶତ

ସୁନ୍ଦରଗଡ଼, ୩।୬ (ଡି.ଏନ୍.ଏ)

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ସୁନ୍ଦରଗଡ ଜିଲାରେ ପାସ ହାର ୫୧.୬୪ ପ୍ରତିଶତ ରହିଛି। ଚଳିତବର୍ଷ ଜିଲାରେ ମୋଟ ୪୭୪୯ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ଏଥିମଧ୍ୟରୁ ୪୬୮୦ ଜଣ ପରୀକ୍ଷା ଦେଇଥିଲେ। ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୧୭ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀରେ ୩୮୭, ଦ୍ୱିତୀୟ ଶ୍ରେଣୀରେ ୬୩୦, ତୃତୀୟ ଶ୍ରେଣୀରେ ୧୩୬୭ ଓ କମ୍ପାର୍ଟମେଣ୍ଟାଲରେ ୩୩ଜଣ ପାସ କରିଛନ୍ତି। ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ଯୋଗୁ ୩୫ ଜଣ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସରେ ବୁକ ହୋଇଥିବାରୁ ସେମାନଙ୍କର ପରୀକ୍ଷା ଫଳ ପ୍ରକାଶିତ ହୋଇନାହିଁ। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ସମୁଦାୟ ୨୦୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପରୀକ୍ଷାରେ ୧୦୧ପାସ କରିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୬, ଦ୍ୱିତୀୟ ଶ୍ରେଣୀରେ ୨୩, ତୃତୀୟ ଶ୍ରେଣୀରେ ୬୨ପାସ୍ କରିଛନ୍ତି।

# ମହିଳାମାନେ ପାଳିଲେ ସାବିତ୍ରୀ ବ୍ରତ

ସୁନ୍ଦରଗଡ଼/ ଲହୁଣୀପଡ଼ା, ୩।୬ (ଡି.ଏନ୍.ଏ)

ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପବିତ୍ର ସାବିତ୍ରୀ ବ୍ରତ ସୋମବାର ପାଳନ କରିଛନ୍ତି। ଏହି ବ୍ରତକୁ ଶ୍ରଦ୍ଧା ଓ ନିଷ୍ଠାର ସହ ମହିଳାମାନେ ପାଳନ ପାଇଁ ୨୧ପ୍ରକାର ବିଭିନ୍ନ ଫଳମୂଳ ସଂଗ୍ରହ କରି ନୂଆ ଶାଢୀ, ଶଙ୍ଖା, ସିନ୍ଦୁର, ଅଳତାରେ ସଜ୍ଜିତ ହୋଇ ସୁନ୍ଦରଗଡ ସହରର ବିଭିନ୍ନ ଦେବାଳୟ ଓ ପୂଜାମଣ୍ଡପ ତଥା ବଟବୃକ୍ଷ ମୂଳରେ ପୂଜା କରିଥିଲେ। ସହରର ଅରଣ୍ୟ ନଗର ଓ ଅନ୍ୟ କେତେକ ସ୍ଥାନରେ ସାବିତ୍ରୀ ବ୍ରତ ଅବସରରେ ଶ୍ରଦ୍ଧାଳୁ ମହିଳାମାନେ ଆରତି ପ୍ରଦାନ କରିଛନ୍ତି। ଏଥିପାଇଁ ମହିଳାମାନେ ନିର୍ଜଳା ଉପବାସ ରହି ପୂଜା ଶେଷ ପରେ ଘରକୁ ଫେରି ସ୍ୱାମୀଙ୍କୁ ବନ୍ଦାପନା କରି ସ୍ୱାମୀ ଓ ପରିବାରର ବରିଷ୍ଠ ଗୁରୁଜନମାନଙ୍କ ଠାରୁ ଆର୍ଶୀବାଦ ନେଇଥିଲେ। ସାବିତ୍ରୀ ବ୍ରତ ପାଇଁ ବିଭିନ୍ନ ଶାଢୀ, ପ୍ରସାଧାନ ସାମଗ୍ରୀ ଦୋକାନ ଓ ଫଳବଜାର ଗତ କିଛିଦିନ ଧରି ବେଶ ଚଳଚଞ୍ଚଳ ହୋଇଉଠିଥିଲା। ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଆନନ୍ଦ ଉଲ୍ଲାସର ସହିତ ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ଲହୁଣୀପଡା ଆଖଣ୍ଡଳମଣୀ ମନ୍ଦିର, ହନୁମାନ ମନ୍ଦିର ପ୍ରାଙ୍ଗଣରେ ଥିବା ଶିବ ମନ୍ଦିର, ଲହୁଣୀପଡା ବସଷ୍ଟାଣ୍ଡସ୍ଥିତ ଶିବ ମନ୍ଦିର ଏବଂ ଗ୍ରାମାଞ୍ଚଳରେ ମହିଳାମାନେ ଏକତ୍ର ହୋଇ ଘରମାନଙ୍କରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜା ଅର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି। ବିଭିନ୍ନ ମନ୍ଦିରରେ ପ୍ରବଳ ଭିଡ ଦେଖିବାକୁ ମିଳିଛି।


ସୁନ୍ଦରଗଡ ସହରର ଅରଣ୍ୟ ନଗରଠାରେ ସାବିତ୍ରୀ ବ୍ରତ ଅବସରରେ ଶ୍ରଦ୍ଧାଳୁ ମହିଳାମାନେ ଆରତି ପ୍ରଦାନ କରୁଛନ୍ତି।

### ବେଆଇନ ସ୍କ୍ରାପ କାରବାର ଅଭିଯୋଗ
## ଟ୍ରକ ଜବତ, ଚାଳକ ଗିରଫ



ବେଦବ୍ୟାସ, ୩।୬ (ଡି.ଏନ.ଏ)

ବେଆଇନ ସ୍କ୍ରାପ ଲୁହା କାରବାର ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ରବିବାର ବିଳମ୍ବିତ ରାତ୍ରରେ ଟ୍ରକ ଜବତ କରିଛି। ଗାଡ଼ି ଚାଳକ ଅଜିତ କେରକେଟାଙ୍କୁ ଗିରଫ କରିଛି। ଅଜିତ ଜଲତା ଅଞ୍ଚଳର ବୋଲି ଜଣାପଡିଛି। ଜଲତା ପାର୍ଶ୍ୱରୁ କୁଆଁରମୁଣ୍ଡା ଆଡକୁ ଟ୍ରକ ନଂ. ଓଆର୍ ୧୪ ଆର- ୦୯୩୦ ଯାଉଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଦଳ କୁଆଁରମୁଣ୍ଡାରେ ଜଗିଥିଲେ। ଟ୍ରକ ପହଞ୍ଚିଲା ପରେ ଯାଞ୍ଚ କରି କାଗଜପତ୍ର ଗାଡି ଚାଳକଙ୍କୁ ମାଗିଥିଲେ। ହେଲେ ଗାଡି ଚାଳକ କିଛି କାଗଜପତ୍ର ଦେଖାଇ ନ ପାରିବାରୁ ଟ୍ରକକୁ ଜବତ କରିଥିଲେ। ଟ୍ରକରେ ବେଆଇନ ସ୍କ୍ରାପ ଲୁହା ପ୍ରାୟ ୬ଟନ ଥିଲା। ଯାହାର ଆନୁମାନିକ ବଜାର ମୂଲ୍ୟ ୯୦ ହଜାର ଟଙ୍କା ହେବ ବୋଲି କୁହାଯାଉଛି।

### ୫୯ ଲକ୍ଷ ଟଙ୍କା ଠକେଇ ଘଟଣା
# ପୋଲିସ ଠକକୁ ଘଣ୍ଟ ଘୋଡାଇଛି

ବଡ଼ଗାଁ, ୩।୬ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅଞ୍ଚଳରେ ୫୯ ଲକ୍ଷ ଟଙ୍କା ଠକେଇ ଘଟଣାକୁ ଚପାଇଦେବା ପାଇଁ ପୋଲିସ ଯୋଜନାବଦ୍ଧ ଷଡଯନ୍ତ୍ର ରଚିଥିବା ଭଳି ଅତ୍ୟନ୍ତ ଗୁରୁତର ଘଟଣା ଲୋକଲୋଚନକୁ ଆସିଛି। ଏନେଇ ସୋମବାର ସୁନ୍ଦରଗଡ ଏସ୍‌ପିଙ୍କଠାରେ ଲିଖିତ ଅଭିଯୋଗ କରାଯାଇଛି। ଘଟଣା ହେଲା ଗତବର୍ଷ ଜରଙ୍ଗଲୋଇସ୍ଥିତ ପବ୍ଲିକ ସ୍କୁଲକୁ ସେଣ୍ଟ୍ରାଲ ମଡେଲ ସ୍କୁଲ କରିବାକୁ ଖୋର୍ଦ୍ଧା ଜିଲା ମେଣ୍ଢାଶାଳ ଗ୍ରାମର ଧରଣୀଧର ମହାପାତ୍ର ପ୍ରସ୍ତାବ ଦେଇଥିଲେ। ପବ୍ଲିକ ସ୍କୁଲ କର୍ମଚାରୀମାନେ ପ୍ରଥମେ ପ୍ରସ୍ତାବକୁ ଏଡି ଦେଇଥିଲେ। କିନ୍ତୁ ସେ ସମୟରେ ବିଇଓ ହରେକୃଷ୍ଣ ପୁରୋହିତ ପବ୍ଲିକ ସ୍କୁଲକୁ ବେସରକାରୀ ସେଣ୍ଟ୍ରାଲ ମଡେଲ ସ୍କୁଲ (ସିଏମଏସ) କରିବାକୁ ବେଆଇନ ଭାବେ ଲିଖିତ ଅନୁମତି ଦେଇଥିଲେ। ଏହାପରେ ପବ୍ଲିକ ସ୍କୁଲ କର୍ତ୍ତୃପକ୍ଷ ବାଧହୋଇ ସିଏମଏସ ଖୋଲିବାକୁ ଦେଇଥିଲେ। ଏହି ଅନୁମତିପତ୍ର ବଳରେ ବିଶ୍ୱାସ ଜନ୍ମାଇ ଜିଲାର ୧୦ଟି ସ୍ଥାନରେ ସିଏମଏସ ଖୋଲିଥିଲେ। ସ୍କୁଲଗୁଡିକରେ ୧୨୦ରୁ ଊର୍ଦ୍ଧ୍ୱ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେଇଥିଲେ। କିଛି ମାସ ପରେ ସେମାନଙ୍କୁ ସିଟି ବିଇଡି ଟ୍ରେନିଂ କରାଇଦେବାକୁ କହି ୧୦ରୁ ୭୦ ହଜାର ଟଙ୍କା ଲେଖାଏଁ ପ୍ରତ୍ୟେକଙ୍କଠାରୁ ନେବା ସହିତ କର୍ମଚାରୀଙ୍କୁ ୧୧ ମାସର ଦରମା ଦେଇ ନ ଥିଲେ। ଯେଉଁ ଇନଷ୍ଟିଚ୍ୟୁଟରେ ଟ୍ରେନିଂ କରାଇଦେବାକୁ କହି ଫର୍ମ ପୂରଣ କରି ନେଉଥିଲେ ସେଭଳି ଇନଷ୍ଟିଚ୍ୟୁଟ ନଥିବା ଜଣାପଡିବା ପରେ ଜରଙ୍ଗଲୋଇ ସ୍କୁଲ ପରିସରରେ ସମ୍ପୃକ୍ତ ଠକ ମହାପାତ୍ରଙ୍କୁ ଅଟକ ରଖି ପୋଲିସକୁ ସୂଚନା ଦେଇଥିଲେ। ସେ ସମୟର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ସେଠାରେ ସମ୍ପୃକ୍ତ ବ୍ୟକ୍ତି ୭ ଦିନ ମଧ୍ୟରେ ଟଙ୍କା ଫେରାଇବେ କହି ଲେଖିଦେଲାପରେ ଫେରାର ହୋଇଯାଇଥିଲେ। ଏହା ପରେ ଠକାମୀରେ ପଡିଥିବା କର୍ମଚାରୀମାନେ ଥାନାକୁ ବାରମ୍ବାର ଆସି ଜଣାଇଲେ ମଧ କେସ ନ କରି ତମେ ସେହି ବ୍ୟକ୍ତିଙ୍କୁ ଧରିଆଣ କହିଥିଲେ। ପୋଲିସ ଠକକୁ ଘଣ୍ଟ ଘୋଡାଇଥିବା ଜାଣିଲା ପରେ ଅଭିଯୋଗକାରୀମାନେ ଥାନାକୁ ଆଉ ଆସି ନ ଥିଲେ। ଦୀର୍ଘ ମାସ ହାତବାନ୍ଧି ବସିଥିବା ପୋଲିସ ୪ମାସ ପୂର୍ବେ ସ୍କୁଲ କର୍ମଚାରୀଙ୍କୁ ପୁଣି ଥାନାକୁ ଡକାଇଥିଲେ। ଥାନାରେ କର୍ମଚାରୀଙ୍କୁ ଚପଲ, ମୋବାଇଲ ବାହାରେ ରଖିବାକୁ କୁହାଯାଇଥିଲା। ଥାନାରେ ଅଭିଯୋଗକାରୀଙ୍କୁ ଅପରାଧିଙ୍କ ଭଳି ବ୍ୟବହାର କରିବା ସହ ତମେ ଠକିଥିବା ବ୍ୟକ୍ତିଙ୍କୁ ଖୋଜିଆଣ କୁହାଯାଇଥିଲା। ରବିବାର ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଭୀମସେନ ପଟେଲଙ୍କୁ ଥାନାକୁ ଡକାଇ 'ବର୍ତ୍ତମାନ ପିଟିସନକୁ ଆଉ ଆଗକୁ ବଢ଼ାଇବାକୁ ଆମେ ଚାହୁଁନାହୁଁ' ଲେଖାଥିବା କାଗଜରେ ଦସ୍ତଖତ ଦେବାକୁ କହିଥିଲେ। ସ୍କୁଲ ଅଧ୍ୟକ୍ଷ ପଟେଲ ଦସ୍ତଖତ ଦେବାକୁ ମନା କରିବାରୁ ବାଧ କରିଥିଲେ। ବାରମ୍ବାର ଚାପ ପକାଇବାରୁ ଅଧ୍ୟକ୍ଷ ଦସ୍ତଖତ ଦେଇଥିଲେ। ପୋଲିସ ସେମାନଙ୍କୁ ବାଧକରି ଦସ୍ତଖତ ନେବା ଓ ୮ମାସ ବିତିଯାଇଥିଲେ ମଧ କେସ କରା ନ ଯିବା ସମ୍ବନ୍ଧରେ ସୋମବାର ଏସ୍‌ପିଙ୍କୁ ଲିଖିତ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି, ପୋଲିସ ଉଚ୍ଚ ଅଧିକାରୀ, ତଲସରା ବିଧାୟକଙ୍କୁ ନକଲ ପଠାଯିବ ବୋଲି କୁହାଯାଇଛି। ୧୦ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାସଙ୍କୁ ପଚାରିବାରେ ନୂଆଁ ପିଟିସନ ଦେଇ ପୁରୁଣା ପିଟିସନକୁ କ୍ଲୋଜ କରାଯିବ। ସେଥିପାଇଁ ଲେଖା ନେଇଥିବା କହିବା ସହ ଏସ୍‌ପିଙ୍କ ପାଖରୁ ନକଲ ଆସିଛି। ସେତେବେଳର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ପିଟିସନ ଏପଟସେପଟ କରିଦେଇଥିବା ସୂଚନା ଦେଇଛନ୍ତି। ତେବେ ଉଚ୍ଚ ଅଧିକାରୀଙ୍କଠାରୁ ତଦନ୍ତ ପାଇଁ ଆସିଥିବା ଅଭିଯୋଗର ତଦନ୍ତ କରି ରିପୋର୍ଟ ଦେବା ବଦଳରେ ସ୍କୁଲ ଅଧ୍ୟକ୍ଷଙ୍କୁ ଡକାଇ ପିଟିସନ ସ୍ଥଗିତ ରଖିବାକୁ ବାଧକରି ଲେଖାଇନେବା ଦେଖିଲେ ଥାନା ଅଧିକାରୀ ଏସପିଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ମିଥ୍ୟା ରିପୋର୍ଟ ଦେବାକୁ ଚେଷ୍ଟା କରିଥିଲେ କିମ୍ବା ଏସପିଙ୍କ ସହିତ ବୁଝାମଣାରେ ଏଭଳି ଲେଖା ବାଧକରି ନେଇଥିବା ଆଶଙ୍କାକୁ ଏଡାଯାଇପାରୁନି।

# ସୋଲାର ଯନ୍ତ୍ର ସମେତ ସାମଗ୍ରୀ ଚୋରି

ବେଦବ୍ୟାସ, ୩।୬ (ଡି.ଏନ.ଏ)- ବ୍ରାହ୍ମଣୀତରଙ୍ଗ ଥାନା କଲୁଙ୍ଗା ଗ୍ରାମପଞ୍ଚାୟତ ୱାର୍ଡ ନଂ. ୯ ମୁସଲିମ ବସ୍ତିରୁ ରବିବାର ବିଳମ୍ବିତ ରାତ୍ରରେ ଚୋରି ହୋଇଛି। କଲୁଙ୍ଗା ଗ୍ରାମ ପଞ୍ଚାୟତର ସରପଞ୍ଚ ରାମ ମାଝି ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଓଡିଶା ସରକାର ପଞ୍ଚାୟତରାଜ ବିଭାଗ ତରଫରୁ ସୋଲାରଯନ୍ତ୍ର ଓ ସାମଗ୍ରୀ ଦିଆଯାଇଥିଲା। ଏହା ଚୋରି ହୋଇଯାଇଛି। ଲାଠିକଟା ବିଡ଼ିଓଙ୍କ ନିର୍ଦ୍ଦେଶ କ୍ରମେ କଲୁଙ୍ଗା ଗ୍ରାମ ପଞ୍ଚାୟତର ସରପଞ୍ଚ ଘଟଣାସ୍ଥଳ ପରିଦର୍ଶନ କରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ପୁଣି ହାତୀପଲ ଉପଦ୍ରବ
# ବିଦ୍ୟାଳୟ ଫାଟକ ଭାଙ୍ଗି ଖାଇଗଲେ ଚାଉଳ

ଟେନ୍‌ସା, ୩।୬ (ଡି.ଏନ.ଏ)

କୋଇଡା ରେଞ୍ଜ ଅନ୍ତର୍ଗତ ପାଟମୁଣ୍ଡା ପଞ୍ଚାୟତରେ ପୁଣି ହାତୀପଲର ଉପଦ୍ରବ ଦେଖିବାକୁ ମିଳିଛି। ଫଳରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ପଞ୍ଚାୟତର ସାନପାଟୁଳି ଗ୍ରାମରେ ଥିବା ବିଦ୍ୟାଳୟ ଭିତରେ ରବିବାର ରାତିରେ ହାତୀପଲ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ଏହା ସହିତ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ ରଖାଯାଇଥିବା ଚାଉଳକୁ ଖାଇବା ସହିତ ତିନି ଚାରି ବସ୍ତା ଚାଉଳକୁ ତଳେ ପକାଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ସୋମବାର ସକାଳୁ ଗ୍ରାମବାସୀ ଦେଖିଲା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଖବର ଦେଇଥିଲେ। ପ୍ରଧାନଶିକ୍ଷକ ଘଟଣାସ୍ଥଳରେ ପହଞ୍ଚି ବନ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଡେରିରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନାଥାଉକି କିଛି ଦିନ ହେବ ପାଟମୁଣ୍ଡା ପଞ୍ଚାୟତରେ ହାତୀପଲର ଉପଦ୍ରବ ବଢ଼ିବାରେ ଲାଗିଛି। ପୂର୍ବରୁ ଗ୍ରାମର ରାମ ମୁଣ୍ଡାଙ୍କ ଘର ଭାଙ୍ଗି ହାତୀପଲ ଆବଶ୍ୟକ ଜିନିଷକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲେ। ସେହିଭଳି ଗ୍ରାମର କେତେକ ଲୋକଙ୍କ ଘର ପାଖକୁ ହାତୀପଲ ଆସି ବ୍ୟାପକ କ୍ଷତି କରିଛନ୍ତି। ରବିବାର ମଧ୍ୟରାତ୍ରରେ ସାନପାଟୁଳି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଫାଟକ ଭାଙ୍ଗି ହାତୀପଲ ଭିତରକୁ ପ୍ରବେଶ କରିଥିଲେ। ବିଦ୍ୟାଳୟର ଷ୍ଟୋର ରୁମ କବାଟ ଭାଙ୍ଗି ହାତୀପଲ ଚାଉଳ ନଷ୍ଟ କରିବା ସହିତ ପଛପଟ ପାଚେରି ଭାଙ୍ଗି ଜଙ୍ଗଲ ଭିତରକୁ ଚାଲିଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ପଞ୍ଚାୟତରେ ବାରମ୍ବାର ହାତୀ ଆକ୍ରମଣ ହେଉଥିବାବେଳେ ବନ ବିଭାଗ ନିରବ ରହିଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଯଦି ଆଗାମୀ ଦିନରେ ହାତୀପଲ ଦ୍ୱାରା କୌଣସି ପରିବାରର ଧନଜୀବନ ନଷ୍ଟ ହୁଏ, ତେବେ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ। ଏଥିପ୍ରତି ବନ ବିଭାଗ ସଜାଗ ନ ରହିଲେ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ସରକାରୀ ନିର୍ଦ୍ଦେଶକୁ ଖୋଲାଖୋଲି ଅମାନ୍ୟ

କୁତ୍ରା, ୩।୬ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ ବିଭିନ୍ନ ସରକାରୀ ଅଧିକାରୀ, କର୍ମଚାରୀ ସରକାରୀ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଭାବେ ଅମାନ୍ୟ କରୁଥିବା ଦେଖିବାକୁ ମିଳୁଛି। ଏଠାରେ ଖରାଦିନରେ ସକାଳ ୭ଟାରେ ଅଫିସ ଖୋଲିବାର ସରକାରୀ ନିର୍ଦ୍ଦେଶ ରହିଛି। ହେଲେ ବ୍ଲକ ସମେତ ବିଭିନ୍ନ ଅଫିସରେ ସକାଳ ୯ଟା ପର୍ଯ୍ୟନ୍ତ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଗତ ଶନିବାର କୁତ୍ରା ବ୍ଲକର ସରପଞ୍ଚମାନେ ଏବାବଦରେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଦେଖିବାକୁ ମିଳିଛି। ଖରାଦିନେ ସରକାର ସରକାରୀ ଓ ବେସରକାରୀ ସଂସ୍ଥାକୁ ସକାଳୁଆ ଅଫିସ ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। ଏହି ନିର୍ଦ୍ଦେଶନାମା ଅନୁସାରେ ଅଫିସଗୁଡିକ ସକାଳ ୭ରୁ ଆରମ୍ଭ ହୋଇ ଦିନ ଗୋଟାଏରେ ବନ୍ଦ ହେବା କଥା। ହେଲେ କୁତ୍ରା ବ୍ଲକରେ ଏହି ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି। ଶନିବାର କୁତ୍ରା ବ୍ଲକର ସରପଞ୍ଚମାନେ କୌଣସି କାମରେ କୁତ୍ରା ବ୍ଲକ କାର୍ଯ୍ୟାଳୟକୁ ସକାଳ ୮ଟାରେ ଆସିଥିଲେ। ହେଲେ ଅଫିସରେ ସକାଳ ୧୦ଟା ପର୍ଯ୍ୟନ୍ତ ବ୍ଲକ କର୍ମଚାରୀ ସାଙ୍ଗକୁ ଖୋଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସରଞ୍ଜନ ରାୟ ମଧ ଅଫିସକୁ ଆସି ନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆସିବା ପରେ ସରପଞ୍ଚମାନେ ଭେଟିଥିଲେ। ଅଧିକାରୀଙ୍କୁ ଅଫିସ ଶୀଘ୍ର ଆସିଲେ କର୍ମଚାରୀମାନେ ମଧ ଶୀଘ୍ର ଆସିବେ ବୋଲି କହିଥିଲେ। ସରପଞ୍ଚମାନେ ଅଭିଯୋଗ ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ସୋମବାରର ଘଟଣାରୁ ଜଣାପଡ଼ିଛି। ସୋମବାର ଧରିତ୍ରୀ ପ୍ରତିନିଧି ସକାଳ ସାଢ଼େ ୮ଟାରେ ବ୍ଲକ ଯାଇ ଦେଖିଲାବେଳକୁ କାର୍ଯ୍ୟାଳୟରେ ତାଲା ପଡିଥିବା ଦେଖିବାକୁ ପାଇଥିଲେ। ଏହି ସମୟରେ ବ୍ଲକ କୋଷାଧକ୍ଷ ଜୀବିକା ମିଶନ ଅଧିକାରୀ ସେଠାରେ ଉପସ୍ଥିତ ଥିଲେ। ଆଜି ଅଫିସ ଖୋଲା ହୋଇନାହିଁ କି କୌଣସି ଅଧିକାରୀ ଆସିନାହାନ୍ତି। ଆଜି ଛୁଟି ଦିନକି ପଚାରିବାରୁ ଏକଥା ବିଡିଓଙ୍କୁ ପଚାରନ୍ତୁ ବୋଲି ଉତ୍ତର ଦେଇଥିଲେ। ଏହା ପରେ ଆମ ପ୍ରତିନିଧି ବ୍ଲକ ପାଖରେ ଥିବା ଆଇସିଡିଏସ୍ ଅଫିସକୁ ଯାଇଥିଲେ। ହେଲେ ସେଠାରେ ମଧ ସମଦସା ଦେଖିବାକୁ ପାଇ ସେଠାରୁ ଫେରିବାକୁ ପ୍ରୟାସ କରୁଥିବା ବେଳେ ସିଡିପିଓ ତାଙ୍କର ଜଣେ କର୍ମଚାରୀଙ୍କ ବାଇକ୍ ଯୋଗେ ସେଠାରେ ପହଞ୍ଚିଥିଲେ। ଏବାବଦରେ ସିଡିପିଓଙ୍କୁ ପଚାରିବାରୁ କୌଣସି ଠିକ ଉତ୍ତର ନ ଦେଇ ଆମ ପ୍ରତିନିଧିଙ୍କୁ ଏହି ଘଟଣାକୁ ଖବରକାଗଜରେ ନ ଛାପିବା ପାଇଁ ଅନୁରୋଧ କରିଥିଲେ। ଏପରିକି ଟଙ୍କା ମଧ ଯାଚି ଥିଲେ। ଟଙ୍କା ନ ନେଇ ଆମ ପ୍ରତିନିଧି ସେଠାରୁ ଫେରିଯିବା ପରେ ସିଡିପିଓ ତାଙ୍କ ରାତ୍ରି ଜଗୁଆଳିଙ୍କୁ ଆମ ଆସିବା ଯାଏ ଅଫିସରେ କାହିଁକି ନ ଥିଲ ବୋଲି ଧମକ ଦେଇଥିଲେ। କୁତ୍ରା ବ୍ଲକରେ ବିଭିନ୍ନ ଅଫିସରେ କର୍ମଚାରୀ ଓ ଅଧିକାରୀ ଖୋଲାଖୋଲି ସରକାରୀ ନିର୍ଦ୍ଦେଶ ନାମାକୁ ଉଲ୍ଲଂଘନ କରୁଥିବାରୁ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।




ଆଇସିଡିଏସ୍ ଅଫିସ ଗେଟରେ ତାଲା ଝୁଲୁଛି (ବାମ)। ବ୍ଲକର ବିଭିନ୍ନ ବିଭାଗରେ କବାଟ ବନ୍ଦ ଅଛି (ମଝି)। ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ତାଲା ପଡ଼ିଛି।

- ଖରାଦିନରେ ସକାଳ ୭ଟାରେ ଅଫିସ ଖୋଲିବାକୁ ନିର୍ଦ୍ଦେଶ
- ସକାଳ ୯ଟା ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ଅଫିସରେ ତାଲା
- ସରପଞ୍ଚମାନଙ୍କ ଅଭିଯୋଗ ସତ୍ତ୍ୱେ ହେଲାନି କାର୍ଯ୍ୟାନୁଷ୍ଠାନ